# ଅଧ୍ୟାୟ 4

# ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ

# ଅଧ୍ୟାୟ 4

# ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ

## 4.1 ଉପକ୍ରମ

ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ) ଏକ ସମ୍ପୂର୍ଣ୍ଣ ରାଜ୍ୟ ଯୋଜନା ପରିକଳ୍ପନା ପାଣ୍ଠି ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା 2006-07 ଆର୍ଥିକ ବର୍ଷରେ 10 ଟି ଜିଲ୍ଲାରେ (ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ବିଆର୍‌ଜିଏଫ୍)[41] ଅଧିନରେ ଅତିରିକ୍ତ ଉନ୍ନୟନମୂଳକ ସହାୟତା ଯୋଗାଇ ଦିଆଯାଉ ନଥିବା ଜିଲ୍ଲା) ଆରମ୍ଭ କରାଯାଇଥିଲା । ଆର୍ଥିକ ବର୍ଷ 2015-16 ଠାରୁ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ନିରବଚ୍ଛିନ୍ନତାକୁ ବନ୍ଦ କରିବା ପାଇଁ ରାଜ୍ୟରେ ସମସ୍ତ 30 ଟି ଜିଲ୍ଲାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବ୍ୟାପ୍ତ ହୋଇଥିଲା, ଯାହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା ଦରକାର ଅନୁସାରେ ପ୍ରତ୍ୟେକ ଗ୍ରାମରେ ଭିତ୍ତିଭୂମିରେ ଥିବା ଗୁରୁତର ବ୍ୟବଧାନକୁ ଦୂର କରିବା । ଗ୍ରାମାଞ୍ଚଳରେ ବିଦ୍ୟମାନଥିବା ସମ୍ବଳର ସମାନ ଏବଂ ଅନୁପୂରଣ କରିବା, ତିନୋଟି କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବା ଯଥା- ବିଜୁଳି (ବିଦ୍ୟୁତିକରଣ) ସଡ଼କ (ରାସ୍ତା ଭିତ୍ତିଭୂମି ଏବଂ ସେତୁ) ଏବଂ ପାଣି (ଜଳସେଚନ ଏବଂ ଜଳ ଯୋଗାଣ) ।

ପ୍ରତ୍ୟେକ ବର୍ଷ ପାଇଁ ଏହି ପରିକଳ୍ପନା ଅଧିନରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ମୁଖ୍ୟ ବିଭାଗ ହୋଇଥିବା ଯୋଗୁଁ ବଜେଟର ପ୍ରାବଧାନ କରିଥାଏ । ରାଜ୍ୟର ଗ୍ରାମୀଣ ତୁଳନାରେ ଜିଲ୍ଲାଗୁଡ଼ିକର ଗ୍ରାମୀଣ ଜନସଂଖ୍ୟାର ଭାଗକୁ ଆଧାର କରି ଜିଲ୍ଲାଗୁଡ଼ିକ ପାଇଁ ମୋଟ ଆବଣ୍ଟନର 50 ପ୍ରତିଶତ ବିଭାଗ ପ୍ରଦାନ କରିଥାଏ । ବଳକା 50 ପ୍ରତିଶତ ରାଜ୍ୟର ସମୁଦାୟ ଗ୍ରାମୀଣ ଅଞ୍ଚଳ ଜିଲ୍ଲାର ଗ୍ରାମୀଣ ଅଞ୍ଚଳଗୁଡ଼ିକର ଭାଗକୁ ଆଧାର କରି ରାଜ୍ୟ ପ୍ରଦାନ କରିଥାଏ । ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ସମାନ ନିୟମ ଅନୁଯାୟୀ ପାଣ୍ଠିର ବିଭାଗୀକରଣ ଗ୍ରାମୀଣ ଜନସଂଖ୍ୟା ଓ ଅଞ୍ଚଳକୁ ଆଧାର କରି ଜିଲ୍ଲାଗୁଡ଼ିକ ଠାରୁ ବ୍ଲକ୍‌ମାନଙ୍କୁ ପାଣ୍ଠିର ଇ-ସ୍ଥାନାନ୍ତରଣ କରାଯାଇଥାଏ ।

## 4.2 ସମୀକ୍ଷା ପରିସର ଏବଂ ପଦ୍ଧତି

ଆର୍ଥିକ ବର୍ଷ 2017-18 ଠାରୁ 2021-22 ପର୍ଯ୍ୟନ୍ତ ସାତଟି[42] ଜିଲ୍ଲା ପରିଷଦ ଏବଂ 21[43] ଟି ପଞ୍ଚାୟତ ସମିତିମାନଙ୍କର ନଥିପତ୍ରକୁ ସମୀକ୍ଷା ଦ୍ୱାରା ନମୁନା ଯାଞ୍ଚ (ମଇ-2022 – ଡିସେମ୍ବର 2022) କରାଯାଇଥିଲା । ପୂର୍ବ ଅଡିଟ୍‌କୁ ଆଧାର କରି ପାଣ୍ଠିର ବିନିଯୋଗ ଅନୁସାରେ ନମୁନାରେ ବଛାଯାଇଥିବା ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକୁ ବଛାଯାଇଥିଲା । ପରିକଳ୍ପନାର କାର୍ଯ୍ୟାନ୍ୱୟନରେ କେତେକ ଦୋଷତ୍ରୁଟି ଲକ୍ଷ୍ୟ କରାଯାଇଅଛି, ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

## 4.3 ଯୋଜନା

### *4.3.1 ଯୋଜନାରେ ଅଭାବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନାର ମାର୍ଗଦର୍ଶିକାରେ **ଅନୁଚ୍ଛେଦ 7.2** ରୁ **7.6** ଏବଂ **7.8** ରେ ବ୍ୟବସ୍ଥା କରାଯାଇଅଛି ଯେ ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ପଲ୍ଲୀ ସଭା[44] ଏକ ଯୋଜନା ୟୁନିଟ୍ ଯାହାକୁ ପ୍ରକଳ୍ପ ଗୁଡ଼ିକର ତାଲିକାକୁ ଆଧାର କରି ଅନୁମୋଦନ କରିଥାଏ । ଗ୍ରାମ ପଞ୍ଚାୟତ ଗୁଡ଼ିକ ପ୍ରକଳ୍ପଗୁଡ଼ିକର ତାଲିକାକୁ ଏକାଠି କରି ଏବଂ ଅନୁମୋଦନ ପାଇଁ ପଞ୍ଚାୟତ ସମିତି ମାନଙ୍କୁ ପଠାଇ ଥାଏ ଓ ପରେ ସେହି ତାଲିକା ଜିଲ୍ଲାର ଜିଲ୍ଲାପାଳଙ୍କର ଅନୁମୋଦନ ପାଇଁ ପ୍ରତ୍ୟେକ ବର୍ଷ ପ୍ରାୟତଃ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ପଠାଯାଇଥାଏ । ଜିଲ୍ଲା ଗୁଡ଼ିକ ସେହି ସମସ୍ତ ପ୍ରସ୍ତାବଗୁଡ଼ିକୁ ଜାନୁଆରୀ ଶେଷ ସୁଦ୍ଧା ପ୍ରଥମ ପସନ୍ଦ ଭାବରେ ଜିଲ୍ଲା

---

41 ଆଞ୍ଚଳିକ ବିକାଶରେ ଅସନ୍ତୁଳନର ପ୍ରତିକାର କରିବା ପାଇଁ ଆର୍ଥିକ ସମ୍ବଳ ଯୋଗାଇ ଦେବା ସ୍ୱରୂପ ଚିହ୍ନିତ ପଛୁଆ ଅଞ୍ଚଳ ଜିଲ୍ଲାଗୁଡ଼ିକରେ ଅନୁପୂରଣ ଏବଂ ଏକାଭିମୁଖୀ ପ୍ରଚଳିତ ଉନ୍ନୟନମୂଳକ ଧାରା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାନୁଆରୀ 2007 ରେ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଆରମ୍ଭ କରିଥିଲେ ।

42 ଯାଜପୁର, କେନ୍ଦୁଝର, କୋରାପୁଟ, ରାୟଗଡ଼ା ଏବଂ ସୁନ୍ଦରଗଡ଼

43 ବସ୍ତା, ସିମୁଳିଆ, ଜଳେଶ୍ୱର, ବେଗୁନିଆ ପଡ଼ା, ଭଞ୍ଜନଗର, ରଙ୍ଗେଇଲୁଣ୍ଡା, ସୁକିନ୍ଦା, ଦାନଗଦି, ଧର୍ମଶାଳା, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, କୋଇଡ଼ା, ହେମଗିରି ଏବଂ ରାଜଗାଙ୍ଗପୁର

44 ସମସ୍ତ ନିର୍ବାଚନ ମଣ୍ଡଳ ରାଜସ୍ୱ ଗ୍ରାମ ଏବଂ ଏକ ୱାର୍ଡକୁ ନେଇ ପଲ୍ଲୀ ସଭା ଗଠିତ ହୋଇଥାଏ । ଏହା ହେଉଛି ଗାଁର ଲୋକମାନଙ୍କର ସଭା, ଯେଉଁମାନେ 18 ବର୍ଷରୁ ଅଧିକ ବୟସର ଏବଂ ସେମାନଙ୍କର ନାମ ପଞ୍ଚାୟତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ।

ଯୋଜନା କମିଟି(ଡିପିସି)ର ବିଚାର ଏବଂ ଅନୁମୋଦନ ପାଇଁ ପ୍ରଦାନ କରିଥାଏ । ଅନୁମୋଦନ ହେବା ପରେ ତାଲିକାଗୁଡ଼ିକୁ ପଞ୍ଚାୟତ ସମିତିମାନଙ୍କୁ ଫେବୃଆରୀ ମାସ ଶେଷ ସୁଦ୍ଧା କାର୍ଯ୍ୟନିର୍ବାହ ପାଇଁ ଜଣାଇ ଦିଆଯାଇଥାଏ ।

ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ, 21 ଟି ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ 18[45] ଟିରେ ନମୁନା ଯାଞ୍ଚ ଜିଲ୍ଲା ପରିଷଦ ମଧ୍ୟରୁ ସାତଟିରେ ଆର୍ଥିକ ବର୍ଷ 2017-19 ମଧ୍ୟରେ ଯଦିଓ 2,940 ଟି ପ୍ରକଳ୍ପକୁ 57.72 କୋଟି ଟଙ୍କାରେ ଆକଳନ କରାଯାଇଥିଲା ଏବଂ ଜିଲ୍ଲା ଯୋଜନା କମିଟି ଦ୍ଵାରା ଅନୁମୋଦନ ହୋଇଥିଲା କିନ୍ତୁ, ପ୍ରକଳ୍ପ ଗୁଡ଼ିକର ଚୟନ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ କୌଣସି ପଲ୍ଲୀ ସଭା ସଂଚାଳନ କରାଯାଇନଥିଲା । ତାହା ପରିବର୍ତ୍ତେ ଜିଲ୍ଲା ଯୋଜନା କମିଟିର ଅନୁମୋଦନ ପାଇଁ ସେମାନଙ୍କର ନିର୍ବାଚିତ ପ୍ରତିନିଧିଙ୍କ ସହିତ ପରାମର୍ଶ କରି ପ୍ରକଳ୍ପ ଗୁଡ଼ିକର ପ୍ରସ୍ତାବ ପଞ୍ଚାୟତ ସମିତି ମାନଙ୍କ ଦ୍ଵାରା ପ୍ରଦାନ କରାଯାଇଥିଲା ।

ପରିକଳ୍ପନା ଅଧିନରେ ପ୍ରକଳ୍ପର ଚୟନ ଠିକ୍ ଅନୁଯାୟୀ ହେବା କଥା, ଯାହାକି ତଳ ସ୍ତର ଠାରୁ ଉପର ସ୍ତର ପର୍ଯ୍ୟନ୍ତ ଯିବା ପରିବର୍ତ୍ତେ ଉପର ଠାରୁ ତଳ ସ୍ତରକୁ କରାଯାଇଥିଲା । ତାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି । ତୃଣମୂଳ ସ୍ତରରୁ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକ ସ୍ୱୟଂଶାସିତ ସଭା ଭାବରେ, ସ୍ଵାଧୀନ ଭାବରେ ନିଷ୍ପତ୍ତି ନେବାର କ୍ଷମତାକୁ 73ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମର ମୌଳିକ ଉଦ୍ଦେଶ୍ୟକୁ ଅନବଧାରିତ କରୁଅଛି ।

ଯଦିଓ, ଏହି ତଥ୍ୟଗୁଡ଼ିକ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦ୍ଵାରା (ସେପ୍ଟେମ୍ବର 2022) ରେ ନିଶ୍ଚିତ କରାଯାଇଥିଲା । କିନ୍ତୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀମାନେ ଜୁଲାଇ 2024 ସୁଦ୍ଧା କୌଣସି ଉତ୍ତର ପ୍ରଦାନ କରିନଥିଲେ ।

### *4.3.2 ପ୍ରକଳ୍ପ ପ୍ରସ୍ତାବ ଉପସ୍ଥାନରେ ବିଳମ୍ବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 7 ଅନୁଯାୟୀ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପଲ୍ଲୀ ସଭାଠାରୁ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକ ପ୍ରାପ୍ତ କରି ପଞ୍ଚାୟତ ସମିତି ମାନଙ୍କ ଦ୍ଵାରା ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ପାଖରେ ପ୍ରଦାନ କରିବା ଦରକାର । ଜାନୁଆରୀ ଶେଷ ସୁଦ୍ଧା ସେହି ସମସ୍ତ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲାର ଜିଲ୍ଲାପାଳ ଜିଲ୍ଲା ଯୋଜନା କମିଟିର ବିଚାର ଏବଂ ଅନୁମୋଦନ ପାଇଁ ପ୍ରଦାନ କରିବା ଦରକାର । ଫେବୃଆରୀ ମାସ ଶେଷ ସୁଦ୍ଧା ଅନୁମୋଦିତ ତାଲିକା ଗୁଡ଼ିକ ପଞ୍ଚାୟତ ସମିତି ମାନଙ୍କୁ ଜଣାଇ ଦିଆଯିବା କଥା ।

ଅଡିଟ୍‌ରୁ ଜଣାପଡ଼ିଲା ଯେ, ସାତଟି ପରୀକ୍ଷା ଯାଞ୍ଚ ଜିଲ୍ଲାଗୁଡ଼ିକର ଆକଳନ ହୋଇଥିବା 256.06 କୋଟି ଟଙ୍କାର 11,895 ଟି ଅନୁମୋଦିତ ପ୍ରକଳ୍ପ ଗୁଡ଼ିକୁ ଆର୍ଥିକ ବର୍ଷ 2017-18 ଏବଂ 2018-19 ରେ ଜିଲ୍ଲା ଯୋଜନା କମିଟି 201 ଦିନ ଠାରୁ 344 ଦିନ ବିଳମ୍ବରେ ଅନୁମୋଦନ କରିଥିଲେ ଯାହାର ସବିଶେଷ ବିବରଣୀ **ସାରଣୀ 4.1** ରେ ଦର୍ଶାଗଲା ।

***ସାରଣୀ 4.1: ପ୍ରକଳ୍ପ ଅନୁମୋଦନରେ ବିଳମ୍ବ***

| ଆର୍ଥିକ ବର୍ଷ | ଡିପିସି ଦ୍ଵାରା ପ୍ରକଳ୍ପ ଅନୁମୋଦନର ଧାର୍ଯ୍ୟ ତାରିଖ | ଡିପିସି ଦ୍ଵାରା ପ୍ରକଳ୍ପ ଅନୁମୋଦନର ତାରିଖ | ଅନୁମୋଦନରେ ବିଳମ୍ବ (ଦିନ ହିସାବରେ) | ପଞ୍ଚାୟତ ସମିତି ମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିର ତାରିଖ |
|---|---|---|---|---|
| 2017-18 | 31-01-2017 | 22-09-2017 ରୁ 10-01-2018 | 234 ରୁ 344 | 07-11-2017 ରୁ 28-02-2018 |
| 2018-19 | 31-01-2018 | 20-08-2018 ରୁ 21-12-2018 | 201 ରୁ 324 | 13-08-2018 ରୁ 06-08-2019 |

*<u>ଉତ୍ସ</u>: ଜିଲ୍ଲା ପରିଷଦ ଗୁଡ଼ିକର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରିଙ୍କ ନଥିପତ୍ରରୁ*

ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ଯାହାକି **ସାରଣୀ 4.1** ରେ ଦର୍ଶାଯାଇଅଛି, ଫଳସ୍ୱରୂପ ପଞ୍ଚାୟତ ସମିତି ମାନଙ୍କୁ ପାଣ୍ଠି ପ୍ରଦାନରେ ବିଳମ୍ବ ହୋଇଥିଲା । ଏହି କାରଣ ପାଇଁ ସଂପୃକ୍ତ ବଜେଟାରୀ ହୋଇ ରହିଯାଇଅଛି ଯାହା **ସାରଣୀ 4.4** ରେ ଦର୍ଶାଯାଇଅଛି । ଫଳସ୍ୱରୂପ ପାଣ୍ଠିର ଅବଣ୍ଟନ ଏବଂ ପ୍ରକୃତ ଉପଯୋଗ ମଧ୍ୟରେ ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟବଧାନ ରହିଯାଇଅଛି ।

[45] ବେଗୁନିଆପଡ଼ା, ଭଞ୍ଜନଗର, ରଙ୍ଗେଇଲୁଣ୍ଡା, ସୁକିନ୍ଦା, ଦାନଗଦି, ଧର୍ମଶାଳା, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, କୋଇରା, ହେମଗିରି ଏବଂ ରାଜଗାଙ୍ଗପୁର

ଜିଲ୍ଲା ପରିଷଦ ମାନଙ୍କର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଘଟଣାର ସତ୍ୟତାକୁ ଗ୍ରହଣ କରି ଜଣାଇଥିଲେ (ଜୁନ୍ 2022) ଯେ, ଜିଲ୍ଲା ଯୋଜନା କମିଟିର ଅଧକ୍ଷଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟ ହେତୁ ସମୟ ଅନୁସାରେ ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ହୋଇପାରି ନଥିଲା ଏବଂ ଭବିଷ୍ୟତରେ ଅଳ୍ପ ସମୟ ମଧ୍ୟରେ ଏହାକୁ କରିବା ପାଇଁ ଆଶ୍ୱାସନା ଦେଇଥିଲେ ।

### *4.3.3 ଡିପିସିଗୁଡ଼ିକର ବିନା ଅନୁମୋଦନରେ ପ୍ରକଳ୍ପଗୁଡ଼ିକର ଅନଧୀକୃତ ମଞ୍ଜୁର କରିବା*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର **ଅନୁଛେଦ 7.5** ଏବଂ **7.6** ଅନୁଯାୟୀ ପଞ୍ଚାୟତ ସମିତିମାନଙ୍କ ମାଧ୍ୟମରେ ପଲ୍ଲୀ ସଭାରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ଯୋଜନା କମିଟିର ବିଚାର ଏବଂ ଅନୁମୋଦନ ନିମନ୍ତେ ଜିଲ୍ଲାର ଜିଲ୍ଲାପାଳମାନେ ପ୍ରସ୍ତାବ ଦେବା କଥା । ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକର ଚୂଡ଼ାନ୍ତକରଣ ଜିଲ୍ଲା ଯୋଜନା କମିଟି ଗୁଡ଼ିକ ପାଖରେ ନ୍ୟସ୍ତ ଅଟେ ।

ଯାହାହେଉ, ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ସାତଟି ପରୀକ୍ଷଣ ଯାଞ୍ଚ ଜିଲ୍ଲା ମଧ୍ୟରୁ ତିନୋଟି ଜିଲ୍ଲା ପରିଷଦରେ (କେନ୍ଦୁଝର, ଯାଜପୁର ଏବଂ ଗଞ୍ଜାମ) ଆକଳନ କରାଯାଇଥିବା 19.64 କୋଟି ଟଙ୍କାର 1,002[46] ପ୍ରକଳ୍ପଗୁଡ଼ିକୁ ଜିଲ୍ଲା ଯୋଜନା କମିଟିର ବିନା ଅନୁମୋଦନରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ କରାଯାଇ କାର୍ଯ୍ୟ ନିର୍ବାହ ପାଇଁ ପଞ୍ଚାୟତ ସମିତି ମାନଙ୍କୁ ପାଣ୍ଠି ପ୍ରଦାନ କରାଯାଇଥିଲା । ବିନା ଅନୁମୋଦନରେ ଦକ୍ଷ ନିକାୟର (ଜିଲ୍ଲା ଯୋଜନା କମିଟିଗୁଡ଼ିକ) ଫଳସ୍ୱରୂପ ଅସ୍ୱୀକୃତି ପ୍ରାପ୍ତ 19.64 କୋଟି ଟଙ୍କା ମଞ୍ଜୁରୀ କାଯାଇଥିଲା । ତୃଣମୂଳ ସ୍ତରରୁ ପଞ୍ଚାୟତି ରାଜ ଅନୁଦାନଗୁଡ଼ିକ ସ୍ୱୟଂଚାଳିତ ନିକାୟ ସଂପୃକ୍ତ ଜିଲ୍ଲା ପରିଷଦ ଗୁଡ଼ିକର ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରୁଅଛି । ଏହା 73 ତମ ସାମ୍ବିଧାନିକ ନିୟମ ଉଦ୍ଦେଶ୍ୟକୁ ପୂରଣ କରୁନାହିଁ, ଯାହାକି ତୃଣମୂଳ ସ୍ତରରେ ସ୍ୱୟଂଶାସିତ ନିଷ୍ପତ୍ତି ସଂସ୍ଥା ଭାବରେ ପଞ୍ଚାୟତିରାଜ ଅନୁଷ୍ଠାନକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଘଟଣାଗୁଡ଼ିକୁ ନିଶ୍ଚିତ କରି ଜଣାଇଥିଲେ (ଜୁନ୍ 2022) ଯେ ଅନବଧାନତା ଯୋଗୁଁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ପାଇଁ ଜିଲ୍ଲା ଯୋଜନା କମିଟି ସଭାରେ ପ୍ରସ୍ତାବ ଦିଆଯାଇ ନଥିଲା ।

***ସୁପାରିଶ:***

***10. ପଲ୍ଲୀ ସଭା ସ୍ତରରୁ ପ୍ରକଳ୍ପ ପ୍ରସ୍ତାବର ପ୍ରସ୍ତୁତି ସହିତ ପ୍ରକଳ୍ପ ଗୁଡ଼ିକର ପ୍ରସ୍ତୁତିରେ ଯୋଗଦାନକୁ ସୁନିଶ୍ଚିତ କରିବା ।***

## 4.4 ପାଣ୍ଠି ପରିଚାଳନା

ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଆର୍ଥିକ ବର୍ଷ 2017-22 ମଧ୍ୟରେ ପ୍ରାପ୍ତି ଏବଂ ପ୍ରଦାନ **ସାରଣୀ 4.2** ରେ ଦର୍ଶାଯାଇଅଛି ।

***ସାରଣୀ 4.2: ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧୀନରେ ପାଣ୍ଠିର ପ୍ରାପ୍ତି ଏବଂ ପ୍ରଦାନ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାପ୍ତି | ପ୍ରଦାନ |
|---|---|---|
| 2017-18 | 300.00 | 300.00 |
| 2018-19 | 500.00 | 500.00 |
| 2019-20 | 0 | 0 |
| 2020-21 | 0 | 0 |
| 2021-22 | 24.37 | 24.37 |
| **ମୋଟ** | **824.37** | **824.37** |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

[46] ଆର୍ଥିକ ବର୍ଷ 2018-19 ପାଇଁ ଆକଳନ ମୂଲ୍ୟ 17.85 କୋଟି ଟଙ୍କାର 954 ପ୍ରକଳ୍ପ-କେନ୍ଦୁଝର, 2020-21 ଆର୍ଥିକ ବର୍ଷ ପାଇଁ ଆକଳନ ମୂଲ୍ୟ 11.66 କୋଟି ଟଙ୍କାର 46 ଟି ପ୍ରକଳ୍ପ ଏବଂ ଗଞ୍ଜାମ -ଆର୍ଥିକ ବର୍ଷ 2018-19 ପାଇଁ ଆକଳନ ମୂଲ୍ୟ 0.13 କୋଟି ଟଙ୍କାର ଦୁଇଟି ପ୍ରକଳ୍ପ

ଆର୍ଥିକ ବର୍ଷ 2017-22 ମଧ୍ୟରେ ସମସ୍ତ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡ଼ିକ ପ୍ରାପ୍ତ ଥିବା ପାଣ୍ଠି ଏବଂ ତାହାର ବିନିଯୋଗ **ସାରଣୀ 4.3** ଏବଂ **4.4** ରେ ପ୍ରଦାନ କରାଯାଇଅଛି । ଯାଞ୍ଚ କରାଯାଇଥିବା ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡ଼ିକରେ ଖର୍ଚ୍ଚ ଯଥାକ୍ରମେ 11 ଓ 91 ପ୍ରତିଶତ ଏବଂ 18 ଓ 45 ପ୍ରତିଶତ ଥିଲା । ଏହା ସୂଚିତ କଲା ଯେ ରାଜ୍ୟ ସ୍ତରୀୟ ବ୍ୟୟ, ଜିଲ୍ଲା ପରିଷଦମାନଙ୍କ ଦ୍ୱାରା ପ୍ରକୃତ ବ୍ୟୟ ଉପରେ ପର୍ଯ୍ୟବେଶିତ ନଥିଲା ।

***ସାରଣୀ 4.3: ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦଗୁଡ଼ିକର ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଉପାର୍ଜିତ ସୁଧ | ଅନ୍ୟାନ୍ୟ ପ୍ରାପ୍ତି | ମୋଟ ପ୍ରାପ୍ତ ପାଣ୍ଠି | ମୋଟ ବ୍ୟୟ (ପ୍ରତିଶତ) | ଶେଷ ଅବଶେଷ |
|---|---|---|---|---|---|---|---|
| 2017-18 | 20.13 | 119.97 | 1.43 | 0.17 | 141.70 | 128.46*(91)* | 13.24 |
| 2018-19 | 13.24 | 152.50 | 3.31 | 1.99 | 171.04 | 141.08*(82)* | 29.96 |
| 2019-20 | 29.96 | 17.36 | 2.34 | 5.54 | 55.20 | 31.68*(57)* | 23.52 |
| 2020-21 | 23.52 | 0 | 0.76 | 2.95 | 27.23 | 2.97*(11)* | 24.26 |
| 2021-22 | 24.26 | 0 | 0.31 | 2.49 | 27.06 | 18.95*(70)* | 8.11 |

*ଉତ୍ସ: ପରୀକ୍ଷିତ ଯାଞ୍ଚ ଜିଲ୍ଲା ପରିଷଦ ଗୁଡ଼ିକର କ୍ୟାସ୍ ବହିରୁ*

***ସାରଣୀ 4.4: ପରୀକ୍ଷିତ ଯାଞ୍ଚ ପଞ୍ଚାୟତ ସମିତିଗୁଡ଼ିକର ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ମୋଟ ପ୍ରାପ୍ତ ପାଣ୍ଠି | ମୋଟ ବ୍ୟୟ (ପ୍ରତିଶତ) | ଶେଷ ଅବଶେଷ |
|---|---|---|---|---|---|
| 2017-18 | 61.58 | 34.42 | 96.00 | 43.11*(45)* | 52.89 |
| 2018-19 | 52.89 | 34.27 | 87.16 | 38.00*(44)* | 49.16 |
| 2019-20 | 49.16 | 11.49 | 60.65 | 29.84*(49)* | 30.81 |
| 2020-21 | 30.81 | 5.65 | 36.46 | 15.38*(42)* | 21.08 |
| 2021-22 | 21.08 | 3.09 | 24.17 | 4.43*(18)* | 19.74 |

*ଉତ୍ସ: ପରୀକ୍ଷିତ ଯାଞ୍ଚ ଜିଲ୍ଲା ପରିଷଦ ଗୁଡ଼ିକର କ୍ୟାସ୍ ବହିରୁ*

ସାରଣୀ**-4.2** ଏବଂ **4.3** ରୁ ଦେଖାଗଲା ଯେ ଯଦିଓ ଆର୍ଥିକ ବର୍ଷ 2017-22 ମଧ୍ୟରେ ରାଜ୍ୟ ସ୍ତରୀୟ ବ୍ୟୟ 100 ପ୍ରତିଶତ ହୋଇଥିବା ବେଳେ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକର ବ୍ୟୟ ଯଥାକ୍ରମେ 11 ଏବଂ 91 ପ୍ରତିଶତ ମଧ୍ୟରେ ଥିଲା । ରାଜ୍ୟ ସ୍ତରୀୟ ବ୍ୟୟ ପ୍ରକୃତ ଭାବରେ ଜିଲ୍ଲା ପରିଷଦ ସ୍ତରୀୟ ବ୍ୟୟରେ ଆଧାରିତ ନଥିବାର ସୂଚୀତ କରୁଅଛି ।

ସମୀକ୍ଷାରେ ପାଣ୍ଠି ପରିଚାଳନାରେ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା:

### *4.4.1 ରାଜ୍ୟ ମୁଖ୍ୟ ହିସାବ ଖାତାକୁ ଖର୍ଚ୍ଚ ହୋଇପାରି ନଥିବା ପାଣ୍ଠି ଫେରସ୍ତ ନକରିବା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅନୁଦେଶ (ଡିସେମ୍ବର 2019 ଏବଂ ଜୁଲାଇ 2021) ଦେଇଥିଲେ ଯେ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧୀନରେ ଖର୍ଚ୍ଚ ହୋଇପାରି ନଥିବା ବଳକା ପାଣ୍ଠି ଏବଂ ଉପାର୍ଜିତ ସୁଧକୁ ରାଜ୍ୟ ମୁଖ୍ୟ ହିସାବକୁ ଫେରସ୍ତ କରିବେ ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ସମସ୍ତ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ 21 ଟି ପଞ୍ଚାୟତ ସମିତି ମାର୍ଚ୍ଚ 2022 ସୁଦ୍ଧା ଉପଯୋଗ ହୋଇପାରି ନଥିବା 27.88 କୋଟି ଟଙ୍କା ରାଜ୍ୟ ମୁଖ୍ୟ ହିସାବ ଖାତାକୁ ଫେରସ୍ତ କରିନଥିଲେ । ବଳକା ପାଣ୍ଠି ଫେରସ୍ତ ନହେବା ଯୋଗୁଁ ପାଣ୍ଠିର ଆବଶ୍ୟକତା ଥିବା ଜିଲ୍ଲାଗୁଡ଼ିକୁ ଆବଣ୍ଟନ ନକରିବା ଯୋଗୁଁ ସେମାନେ ପାଣ୍ଠି ପାଇବାରୁ ବଞ୍ଚିତ ହୋଇଥିଲେ ।

ତଥ୍ୟକୁ ସୁନିଶ୍ଚିତ କରି ସଂପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀ ମାନେ ଆଶ୍ୱାସନା ଦେଇଥିଲେ ଯେ (ଜୁନ୍ 2022) ଖର୍ଚ୍ଚ ହୋଇ ପାରିନଥିବା ପାଣ୍ଠିକୁ ଫେରସ୍ତ କରାଯିବ ।

### *4.4.2 ଗୋପବନ୍ଧୁ ଗ୍ରାମୀଣ ଯୋଜନାରୁ ଅନ୍ୟ ଯୋଜନାକୁ ପାଣ୍ଠିର ଗତି ପରିବର୍ତ୍ତନ କରିବା*

ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି 2002 ର ନିୟମ 10 (1) ଅନୁଯାୟୀ ବିଭିନ୍ନ ଯୋଜନାରେ ପଞ୍ଚାୟତ ସମିତିଗୁଡ଼ିକୁ ଅନୁଦାନ ଆକାରରେ ଦିଆଯାଇଥିବା ଅର୍ଥକୁ ସରକାରଙ୍କ ବିନା ଅନୁମୋଦନରେ ଗୋଟିଏ ଯୋଜନାରୁ ଅନ୍ୟ ଯୋଜନାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଆର୍ଥିକ ବର୍ଷ 2017-22 ବର୍ଷ ମଧ୍ୟରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ପାଞ୍ଚୋଟି[47] ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତିରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିରୁ 2.82 କୋଟି ଟଙ୍କା ସରକାରଙ୍କ ଅନୁମୋଦନ ବିନା ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ମଧୁବାବୁ ପେନ୍‌ସନ୍ ଯୋଜନା ଆମ ଗାଁ ଆମ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ମୁକ୍ତ ରୋଷେଇ ଘର, ବିଜୁ ପକ୍କା ଘର ଯୋଜନା ଇତ୍ୟାଦିର ପରିକଳ୍ପନା ଅଧୀନରେ ଖର୍ଚ୍ଚ କରିବା ପାଇଁ ପାଣ୍ଠିର ଗତି ପରିବର୍ତ୍ତନ କରାଯାଇଥିଲା । ମାର୍ଚ୍ଚ 2022 ସୁଦ୍ଧା ଯଦିଓ 2.42 କୋଟି ଟଙ୍କା ଭରଣା କରାଯାଇଥିଲା । ତଥାପି, 0.40 କୋଟି ଟଙ୍କା ଭରଣା ପାଇଁ ବକେୟା ରହିଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ଡିସେମ୍ବର 2022) ଯେ, ଜରୁରୀ ଅବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ୟ କୌଣସି ଉତ୍ସ ନଥିବାରୁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିର ଗତିକୁ ପରିବର୍ତ୍ତନ କରାଯାଇଥିଲା । ଯାହାହେଉ, ଉତ୍ତର ଗ୍ରହଣୀୟ ନଥିଲା କାରଣ ପରିକଳ୍ପନା ପାଣ୍ଠିର ଗତି ପରିବର୍ତ୍ତନ କରିବା ଦ୍ୱାରା କାର୍ଯ୍ୟ ନିର୍ବାହରେ ପ୍ରଭାବ ପକାଇବା ସହିତ ସୁଧର କ୍ଷତି ହୋଇଥିଲା ।

### *4.4.3 ଫ୍ଲେକ୍ସି ଆକାଉଣ୍ଟରେ ପାଣ୍ଠିକୁ ନ ରଖିବା ଯୋଗୁଁ ସୁଧରେ କ୍ଷତି*

ଅର୍ଥ ବିଭାଗ ଆଦେଶ ଦେଇଥିଲେ (ପତ୍ର ସଂଖ୍ୟା 35425 ତାରିଖ 12 ଅକ୍ଟୋବର 2012) ଯେ, ସମସ୍ତ ଡିଡିଓମାନେ ବଭିନ୍ନ ପରିକଳ୍ପନା ପାଣ୍ଠିକୁ ସଂପୃକ୍ତ ସଞ୍ଚୟ ବ୍ୟାଙ୍କ ଖାତାରେ ନରଖି ଅଧିକ ସୁଧ ପାଇବା ପାଇଁ ଫ୍ଲେକ୍ସି ଆକାଉଣ୍ଟରେ ରଖିବେ । ପୁନଶ୍ଚ ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 5.5 ଅନୁଯାୟୀ ଉପାର୍ଜିତ ସୁଧ ପରିକଳ୍ପନା ପାଣ୍ଠିର ଏକ ଭାଗ ଏବଂ ଏହା ସେଥିରେ ବିନିଯୋଗ ହେବ ।

ଆର୍ଥିକ ବର୍ଷ 2017-22 ମଧ୍ୟରେ ସମୀକ୍ଷାରେ ଅବଲୋକନ କରାଗଲା ଯେ ପରୀକ୍ଷଣ ଯାଞ୍ଚ ହୋଇଥିବା ଗୋଟିଏ ଜିଲ୍ଲା ପରିଷଦ (କେଉଁଝର) ଏବଂ 11[48] ଟି ପଞ୍ଚାୟତ ସମିତିମାନେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିକୁ ଫ୍ଲେକ୍ସି ମୋଡରେ ରଖିବା ପରିବର୍ତ୍ତେ ସଞ୍ଚୟ ହିସାବ ଖାତାରେ ରଖିଥିଲେ । ଫଳରେ ପରିକଳ୍ପନା ଜମା ଉପରେ ଉପାର୍ଜିତ ହେବାକୁ ଥିବା 5.21 କୋଟି ଟଙ୍କା ସୁଧ (ସମୟାନୁସାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ଫ୍ଲେକ୍ସି ଜମାର ସୁଧ ହାର ଅନୁଯାୟୀ) ପରିବର୍ତ୍ତେ କେବଳ 2.87 କୋଟି ଟଙ୍କା ଉପାର୍ଜିତ ହୋଇଥିଲା (ସଂଚୟ ହିସାବ ଖାତାରୁ ପ୍ରକୃତ ଉପାର୍ଜିତ ହୋଇଥିବା ସୁଧ ଫଳରେ 2.34 କୋଟି ଟଙ୍କା କ୍ଷତି ହୋଇଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.1*** ରେ ଦର୍ଶାଯାଇଛି । ଫଳସ୍ୱରୂପ, ପରିକଳ୍ପନା ପାଣ୍ଠିରେ ଅତିରିକ୍ତ ପାଣ୍ଠିର କ୍ଷତି ହୋଇଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ଡିସେମ୍ବର 2022) ଯେ, ପରିକଳ୍ପନା ପାଣ୍ଠିକୁ ଫ୍ଲେକ୍ସି ମୋଡରେ ରଖିବେ ।

***ସୁପାରିଶ:***

***11. ସୁଧର କ୍ଷତିକୁ ପରିହାର କରିବା ପାଇଁ ବ୍ୟାଙ୍କର ସଞ୍ଚୟ ଖାତାରେ ରଖିବା ପରିବର୍ତ୍ତେ ପାଣ୍ଠିକୁ ଫ୍ଲେକ୍ସି ହିସାବ ଖାତାରେ ରଖିବା ଦରକାର ।***

## 4.5 କାର୍ଯ୍ୟ ନିର୍ବାହ

### *4.5.1 ଅନ୍ୟାନ୍ୟ ପରିକଳ୍ପନା କାର୍ଯ୍ୟରେ ବ୍ୟୟ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 1.1 ଅନୁଯାୟୀ ଗ୍ରାମୀଣ ଅଞ୍ଚଳ ପରିକଳ୍ପନା ଅଧୀନରେ ଥିବା ପାଣ୍ଠିକୁ ଗ୍ରାମାଞ୍ଚଳରେ ଥିବା ଭିତ୍ତିଭୂମିର ଅଭାବକୁ ଦୂର କରିବା ପାଇଁ ବ୍ୟବହାର କରିବା ଦରକାର ଯାହାକି ପ୍ରକଳ୍ପ ଗୁଡ଼ିକ ପଲ୍ଲୀ ସଭା ଦ୍ୱାରା ସୁପାରିଶ ହୋଇଥିବା ଏବଂ ଜିଲ୍ଲା ସମନ୍ୱୟ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇଥିବା ଦରକାର ।

---

[47] କେନ୍ଦୁଝର ସଦର, ବସ୍ତା, ପଟ୍ଟାଙ୍ଗି, ସିମୁଳିଆ ଏବଂ ମୁନିଗୁଡ଼ା

[48] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ, ମୁନିଗୁଡ଼ା, ଦାନଗଦି, ସିମୁଳିଆ, କୋଇରା, ପଟ୍ଟାଙ୍ଗି ଏବଂ ଲକ୍ଷ୍ମୀପୁର

ଯାହାହେଉ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଆର୍ଥିକ ବର୍ଷ 2017-22 ମଧ୍ୟରେ ଦୁଇଟି ଜିଲ୍ଲା ମଧ୍ୟରୁ ତିନୋଟି[49] ପଞ୍ଚାୟତ ସମିତିରେ 84.44 ଲକ୍ଷ୍ୟ ଟଙ୍କା ଆମ ଗାଁ ଆମ ବିକାଶ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଇତ୍ୟାଦି ସମ୍ବନ୍ଧୀୟ ପରିକଳ୍ପନାର କାର୍ଯ୍ୟ ନିର୍ବାହ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପରିକଳ୍ପନା ପାଣ୍ଠିରୁ ପ୍ରଦାନ କରାଯାଇଥିଲା । କ୍ଷମତାପନ୍ନ ନିକାୟଙ୍କ ବିନା ଅନୁମୋଦନରେ ଗୋପବନ୍ଧୁ ଗ୍ରାମୀଣ ପାଣ୍ଠିରୁ ଅନ୍ୟାନ୍ୟ ପରିକଳ୍ପନା କାର୍ଯ୍ୟ ପାଇଁ ପାଣ୍ଠି ପ୍ରଦାନ କରିବାର ଫଳାଫଳ ହେଉଛି ଅନିୟମିତ ବ୍ୟୟ ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, ଜରୁରୀ ପାଇଁ ଏହି ପରିକଳ୍ପନା ଅଧିନରେ ଏହି କାର୍ଯ୍ୟଗୁଡ଼ିକ କରାଗଲା । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ମାର୍ଗଦର୍ଶିକାର ଉଲ୍ଲଂଘନ ହୋଇଥିଲା ।

### *4.5.2 ସରକାରୀ ରାଜସ୍ୱ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଜମା ନହେବା*

ଗୋପବନ୍ଧୁ ଗ୍ରାମୀଣ ଯୋଜନାର ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 5.6 ଅନୁଯାୟୀ କାର୍ଯ୍ୟରୁ ଆଦାୟ କରାଯାଉଥିବା କର, ରୟାଲିଟି ଏବଂ ଲେବର ସେସ୍ ଇତ୍ୟାଦି ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ତିନୋଟି ଜିଲ୍ଲା (ଗଞ୍ଜାମ, କେନ୍ଦୁଝର ଏବଂ କୋରାପୁଟ) ମଧ୍ୟରୁ ପରୀକ୍ଷଣ ଯାଞ୍ଚ ହୋଇଥିବା ଆଠଟି[50] ପଞ୍ଚାୟତ ସମିତିରେ ଆର୍ଥିକ ବର୍ଷ 2017-18 ଠାରୁ କାର୍ଯ୍ୟରୁ ଆଦାୟ କରି ରଖାଯାଇଥିବା 80.29 ଲକ୍ଷ ଟଙ୍କା ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ ନ ହୋଇ ବ୍ୟାଙ୍କରେ ପଡ଼ିରହିଥିଲା (ଡିସେମ୍ବର 2022 ସୁଦ୍ଧା) । ଏହି ଟଙ୍କା ମଧ୍ୟରେ ରୟାଲିଟି 50.54 ଲକ୍ଷ ଟଙ୍କା, ଶ୍ରମ କଲ୍ୟାଣ ସେସ୍ 18.60 ଲକ୍ଷ ଟଙ୍କା ଏବଂ ଭ୍ୟାଟ୍ 11.15 ଲକ୍ଷ ଟଙ୍କା ଅଟେ । ଏହାର ଫଳସ୍ୱରୁପ ସରକାରୀ ରାଜସ୍ୱକୁ ଅନୁଚିତ ଭାବରେ ରଖାଯାଇଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଲେ (ନଭେମ୍ବର 2022) ଯେ, ରାଜସ୍ୱକୁ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ କରିବେ ।

### *4.5.3 ରାସ୍ତା ଆଲୋକୀକରଣରେ ଅନିୟମିତତା*

ଅଡିଟ୍‌ରେ ଲକ୍ଷ୍ୟ କରାଗଲା 21 ଟି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଆଠଟିରେ[51], ସାତଟି ପରୀକ୍ଷଣ ଯାଞ୍ଚ ଜିଲ୍ଲା ମଧ୍ୟରୁ ଚାରୋଟି[52] ଜିଲ୍ଲାରେ ଆର୍ଥିକ ବର୍ଷ 2017-19 ମଧ୍ୟରେ ମଇ 2022 ସୁଦ୍ଧା 4.14 କୋଟି ଟଙ୍କା ବିନିଯୋଗ କରି 245 ଟି ପ୍ରକଳ୍ପ ନିର୍ବାହ ହୋଇଥିଲା । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଅଡିଟ୍‌ରେ 1.65 କୋଟି ଟଙ୍କା ବିନିଯୋଗ କରି ସମ୍ପୂର୍ଣ୍ଣ ହୋଇଥିବା 100 ଟି ବିଦ୍ୟୁତ୍ ରାସ୍ତା ଆଲୋକ ପ୍ରକଳ୍ପ ଏବଂ 34.79 ଲକ୍ଷ ଟଙ୍କା ବିନିଯୋଗ କରି ସମ୍ପୂର୍ଣ୍ଣ ହୋଇଥିବା 11 ଟି ସୌର ରାସ୍ତା ଆଲୋକୀକରଣ ପ୍ରକଳ୍ପ ପରୀକ୍ଷଣ ଯାଞ୍ଚ ହୋଇଥିଲା । ଏହି ସବୁ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକରେ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ।

#### *4.5.3.1 ରାସ୍ତା ଆଲୋକୀକରଣ ପ୍ରକଳ୍ପଗୁଡ଼ିକ ପାଇଁ ଅଟକଳ ପ୍ରସ୍ତୁତିରେ ଅନିୟମିତତା*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 6.1 ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ବୈଦ୍ୟୁତିକ ପ୍ରକଳ୍ପ ପ୍ରସ୍ତାବ ଯୋଜନା ଏବଂ ଆକଳନ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷଣ ପରିଚାଳନା କରିବା ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍‌କମ୍)ମାନଙ୍କୁ ସୁବିଧା କରିବା ଦରକାର । ଯୋଗ୍ୟ ପ୍ରସ୍ତାବ ଗୁଡ଼ିକୁ ବ୍ଲକ୍ ସ୍ତରୀୟ କମିଟି [53] ଦ୍ୱାରା ଯାଞ୍ଚ କରାଯିବା ଦରକାର ଏବ ତା'ପରେ ଡିପିସିଙ୍କର ଅନୁମୋଦନ ପାଇଁ ଜିଲ୍ଲାରେ ଦାଖଲ କରାଯିବା ଦରକାର । ପୁନଶ୍ଚ ବିଦ୍ୟୁତ୍ ବିତରଣ କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ସୂଚୀଭୁକ୍ତ ହୋଇଥିବା ପଞ୍ଜୀକୃତ ବୈଦ୍ୟୁତିକ ଠିକାଦାରମାନଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ଦ୍ୱାରା ଟେଣ୍ଡର ଆହ୍ୱାନ କରି କାର୍ଯ୍ୟରେ ଲଗାଯିବା ଉଚିତ୍ । ଯାହାହେଉ ଏହି ସବୁ କାର୍ଯ୍ୟ କରିବା ପୂର୍ବରୁ ସଂପୃକ୍ତ ଗ୍ରାମ ପଞ୍ଚାୟତ ଅଥବା ସରକାରୀ ଅନୁଷ୍ଠାନ ଲିଖିତ ଅଙ୍ଗୀକାର

[49] କେନ୍ଦୁଝର ସଦର, କାଶୀପୁର ଏବଂ ବିଷମକଟକ

[50] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, ବେଗୁନିଆପଡ଼ା ଏବଂ ଭଞ୍ଜନଗର

[51] ସୁକିନ୍ଦା, ଦାନଗଦି, ଧର୍ମଶାଳା, ସିମୁଳିଆ, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

[52] ବାଲେଶ୍ୱର, ଯାଜପୁର, କେନ୍ଦୁଝର ଏବଂ ରାୟଗଡ଼ା

[53] ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ଶିଳ୍ପାୟନ ଉନ୍ନତି ଅଧିକାରୀ, ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ଏବଂ ବିଦ୍ୟୁତ ବିତରଣ କମ୍ପାନୀର କନିଷ୍ଠ ଯନ୍ତ୍ରୀ ସଦସ୍ୟ ରହିବେ

ଦେବା ଦରକାର ଯେ, କରାଯାଇଥିବା ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଆବର୍ତ୍ତୀ ଖର୍ଚ୍ଚ ଯଥା-ଶକ୍ତି ଖର୍ଚ୍ଚ, ମରାମତି ଏବଂ ରକ୍ଷଣାବେକ୍ଷଣ ଇତ୍ୟାଦି ସେମାନଙ୍କ ଦ୍ୱାରା ବହନ କରାଯିବ । ଏହି ଅଙ୍ଗୀକାର ବିନା ବୈଦ୍ୟୁତିକ କାର୍ଯ୍ୟ କରିବା ଉଚିତ୍ ନୁହେଁ ।

ଅଡିଟ୍, ଏହି ବିଷୟ ଉପରେ ଲକ୍ଷ୍ୟ କରାଗଲା ଯେ ନା କୌଣସି ବ୍ଲକ୍ ସ୍ତରୀୟ କମିଟି ଗଠନ ହୋଇଥିଲା ନା ଉପରେ ଅନୁଚ୍ଛେଦ 4.5.3 ଉଲ୍ଲେଖ କରାଯାଇଥିବା ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀକୁ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ ଅନୁରୋଧ କରାଯାଇଥିଲା । ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଅଟକଳ କରିବା ପରିବର୍ତ୍ତେ ଯଦିଓ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍କମ୍) ଦ୍ୱାରା ପ୍ରସ୍ତୁତ କରିବାର ଥିଲା କିନ୍ତୁ ଗ୍ରାମ ଚାରୋଟି[54] ବ୍ଲକର ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ / ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ସଂପୃକ୍ତ ବ୍ଲକ୍ ଗୁଡ଼ିକର ସହାୟକ ମନ୍ତ୍ରୀ ମାନଙ୍କ ଦ୍ୱାରା ବୈଷୟିକ ମଞ୍ଜୁର କରାଯାଇଥିଲା । ପୁନଶ୍ଚ, ବିଦ୍ୟୁତ୍ ଦେୟର ଆକଳନ କରିବା ପାଇଁ ବିଦ୍ୟୁତ୍ ମିଟର ସଂସ୍ଥାପନ କରାଯାଇ ନଥିଲା ଏବଂ ଭବିଷ୍ୟତର ରକ୍ଷଣାବେକ୍ଷଣ ପାଇଁ ଅଙ୍ଗୀକାର କରି କୌଣସି ପ୍ରାଧିକାରୀଙ୍କୁ ହସ୍ତାନ୍ତର କରାଯାଇ ନଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା- 4.1**



*କେନ୍ଦୁଝର ସଦର ଅଧିନସ୍ଥ ପଳାଶପଙ୍ଗା ଗ୍ରାମପଞ୍ଚାୟତର ମଙ୍ଗଳାପୋଷୀ ଠାରେ ରାସ୍ତା ଆଲୋକୀକରଣ ହୋଇଛି କିନ୍ତୁ ବିଦ୍ୟୁତ୍ ସଂଯୋଗ ବିଛିନ୍ନ ହୋଇଛି*

ଛଅଟି[55] ନମୁନା ଯାଞ୍ଚ ପଞ୍ଚାୟତି ସମିତିର ଗୁଡ଼ିକର 18 ଟି ଆଲୋକୀକରଣ ପ୍ରକଳ୍ପରେ ଥିବା 137 ଟି ଆଲୋକ ପଏଣ୍ଟର ଅଡିଟ୍ ଦ୍ୱାରା ମିଳିତ ଭୌତିକ ନିରୀକ୍ଷଣରୁ ଜଣାଗଲା ଯେ ବିଦ୍ୟୁତ୍ ବିତରଣ କମ୍ପାନୀ ଠାରୁ ଆବଶ୍ୟକୀୟ ଅନୁମତି ବିନା ରାସ୍ତା ଆଲୋକୀକରଣ ପଏଣ୍ଟ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା । ବୈଦୁତିକ ମିଟର ଲଗାଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା ଏବଂ ଅଧିକ ବିଦ୍ୟୁତ୍ ପ୍ରବାହ ସମୟରେ ମିଟରର ସୁରକ୍ଷା ପାଇଁ ଆର୍ଥିଙ୍ଗର କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିଲା । ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକୁ ବିନା ଆଇନ୍ ସମ୍ମତ ଶକ୍ତ ଯୋଗାଣ ପଦ୍ଧତି ଯୋଗୁଁ ବାଂଶପାଳ ବ୍ଲକ୍ ଅଧିନରେ ଥିବା ସମସ୍ତ 17 ଟି ଗ୍ରାମ ପଞ୍ଚାୟତ ଗୁଡ଼ିକର 48 ଟି ଲାଇଟ୍ ପୋଷ୍ଟର ବିଦ୍ୟୁତ୍ ଯୋଗାଣ ଉପ-ପ୍ରଭାଗୀୟ ଅଧିକାରୀ, ସଂଖ୍ୟା II, ବୈଦ୍ୟୁତିକ ଉପ-ପ୍ରଭାଗ, କେନ୍ଦୁଝର 2018-19 ରୁ ବନ୍ଦ କରି ଦେଇଥିଲେ ଏବଂ ଆହୁରି ମଧ 6.51 ଲକ୍ଷ ଟଙ୍କାର ଜୋରିମାନା ଏହି ଗ୍ରାମ ପଞ୍ଚାୟତ ମାନଙ୍କ ଉପରେ ଲଗା ଯାଇଥିଲା ।

ସେହିପରି 2018-19 ରେ ବିଦ୍ୟୁତ୍ ବିତରଣ କମ୍ପାନୀର ବିନା ଅନୁମତିରେ ବିଷମ କଟକ ପଞ୍ଚାୟତ ସମିତିର ଝିଗିଡ଼ି ଗ୍ରାମ ପଞ୍ଚାୟତରେ 19 ଟି ରାସ୍ତା ବିଦ୍ୟୁତ୍ ଆଲୋକ ପୂର୍ବରୁ ବିଦ୍ୟୁତ ଆଲୋକ ଥିବା ଖୁଣ୍ଟରେ ସଂସ୍ଥାପନ କରାଯାଇଥିଲା । ଏଗୁଡ଼ିକ ମଧ୍ୟରୁ ବିଦ୍ୟୁତ୍ ଯୋଗାଣ ପାଇଁ କେବୁଲ୍ ସଂଯୋଗୀକରଣ କେବଳ ନଅଟି ପଏଣ୍ଟରେ ହୋଇଥିଲା । ଅଡିଟ୍‌ର ନିରୀକ୍ଷଣ ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଅଧିବାସୀ କହିଥିଲେ ଯେ ସଂସ୍ଥାପନ ହେବା ତାରିଖ ଠାରୁ ବିଦ୍ୟୁତ୍ ଯୋଗାଣ ନହେବା ଯୋଗୁଁ କୌଣସି ଏଲ୍ଇଡି ଲାଇଟ୍ କାର୍ଯ୍ୟ କରୁନଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା- 4.2**



*ବିଷମ କଟକ ପଞ୍ଚାୟତର ଝିଗିଡ଼ି ଗ୍ରାମରେ ସଂସ୍ଥାପନ ହୋଇଥିବା ରାସ୍ତା ଆଲୋକ*

ପୁନଶ୍ଚ, ମିଳିତ ଭୌତିକ ନିରୀକ୍ଷଣରେ ଏହା ଲକ୍ଷ୍ୟ କରାଗଲା ଯେ 58 ଟି ଲାଇଟ୍ ପଏଣ୍ଟ (42 ପ୍ରତିଶତ) କାର୍ଯ୍ୟ କରୁଥିଲା, 48 ଟି ଲାଇଟ୍ ପଏଣ୍ଟ (35 ପ୍ରତିଶତ) କାର୍ଯ୍ୟ କରୁନଥିଲା, 23ଟି ଲାଇଟ୍ ପଏଣ୍ଟକୁ (17 ପ୍ରତିଶତ)

[54] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

[55] ବାଂଶପାଳ, ବିଷମକଟକ, ଚମ୍ପୁଆ, ଧର୍ମଶାଳା, କେନ୍ଦୁଝର ସଦର ଏବଂ ସିମୁଳିଆ

ଅସ୍ୱୀକୃତ ସଂଯୋଗୀକରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଥିଲା ଏବଂ ପାଞ୍ଚୋଟି ଲାଇଟ୍ ପଏଣ୍ଟ (6 ପ୍ରତିଶତ) ନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି (ନଭେମ୍ବର 2022) ଜଣାଇଥିଲେ ଯେ କାର୍ଯ୍ୟରେ ବିଳମ୍ବ ନହେବା ପାଇଁ ଯୋଜନାଏବଂ ଅଟକଳ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ବ୍ଲକର ସହାୟକ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ଯାହାହେଉ ଏହି ଉତ୍ତର ଗୁଡ଼ିକ ଗ୍ରହଣୀୟ ନଥିଲା କାରଣ ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 6.1 ରେ ଏହି ଅଧିକାରୀମାନେ ଯୋଜନା ଏବଂ ଆକଳନ ପ୍ରସ୍ତୁତ କରିବା ପାଇଁ ପ୍ରାଧିକୃତ ନୁହଁନ୍ତି ବୋଲି ଉଲ୍ଲେଖିତ ହୋଇଅଛି ।

### *4.5.3.2 ବିଭାଗୀୟ କାର୍ଯ୍ୟ ନିର୍ବାହରେ ଜାଲ୍ ଭାଉଚର ପ୍ରଦାନରେ ସନ୍ଦେହ/ ଭାଉଚର ଦାଖଲ ନକରିବା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅନୁଦେଶ ଦେଇଥିଲେ (ଜୁଲାଇ 2018) ଯେ, କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ବିଧିମାନ୍ୟ ଜିଏସ୍‌ଟି ପଞ୍ଜୀକୃତ ସଂଖ୍ୟା ଥିବା ସ୍ୱୀକୃତିପ୍ରାପ୍ତ ଯୋଗାଣକାରୀ ମାନଙ୍କ ଠାରୁ ସାମଗ୍ରୀ ସଂଗ୍ରହ କଲାବେଳେ ତା ବାବଦରେ ଭାଉଚର/ ବିଲ୍ ପ୍ରଦାନ କରିବା ଦରକାର । ପୁନଶ୍ଚ, ଯୋଗାଣକାରୀ ମାନଙ୍କୁ ସାମଗ୍ରୀ ବାବଦରେ ପ୍ରଦାନ ତତ୍ ସହିତ ଶ୍ରମିକମାନଙ୍କୁ ମଞ୍ଜୁରୀ ପ୍ରଦାନ କରିବା ସମୟରେ ପ୍ରକୃତ ବିଲ୍/ ଭାଉଚର ଏବଂ ମଷ୍ଟର ରୋଲରେ ନିର୍ବାହ କର୍ତ୍ତାମାନଙ୍କ ଦ୍ୱାରା ପ୍ରଦାନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ 2017-19 ମଧ୍ୟରେ 21 ଟି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଚାରୋଟି[56] ରେ 56 ଟି ପରୀକ୍ଷଣ ଯାଞ୍ଚ ରାସ୍ତା ଆଲୋକୀକରଣ ପ୍ରକଳ୍ପ 94.96 ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ କରାଯାଇଥିଲା । ଯାହାହେଉ କେବଳ 9.00 ଲକ୍ଷ ଟଙ୍କାର ଭାଉଚର ସମୀକ୍ଷକଙ୍କ ପାଖରେ ପ୍ରଦାନ କରିଥିଲେ ଏବଂ ବଳକା 85.96 ଲକ୍ଷ ଟଙ୍କାର ଭାଉଚର ପ୍ରଦାନ କରିପାରି ନଥିଲେ ।

ଅଡିଟ୍ 9.00 ଲକ୍ଷ ଟଙ୍କାର ଭାଉଚର ଯାଞ୍ଚ କରିବା ସମୟରେ ଲକ୍ଷ୍ୟ କଲେ ଯେ, 7.11 ଲକ୍ଷ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ଯେଉଁ ଏକ ଯୋଗାଣକାରୀଙ୍କ ପାଖରୁ କିଣା ଯାଇଥିଲା ଜିଏସ୍‌ଟି ୱେବ୍ ପୋର୍ଟାଲ ଯାଞ୍ଚ କରିବାରୁ ଜଣାଗଲା ଯେ ଯିଏକି ବୈଦ୍ୟୁତିକ ସାମଗ୍ରୀ ନେଣଦେଣ କରୁନାହାଁନ୍ତି । ପୁନଶ୍ଚ, ଯଦିଓ କାର୍ଯ୍ୟଗୁଡିକ ବିଭାଗ ଦ୍ୱାରା ସଂପାଦିତ ହୋଇଥିଲା, ସ୍ଥାପନ ଦେୟ ବାବଦକୁ 0.94 ଲକ୍ଷ ଟଙ୍କା ଆକାରରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା । ସେଥିପାଇଁ 8.05 ଲକ୍ଷ ଟଙ୍କାର ପ୍ରଦାନ ସନ୍ଦେହଜନକ ଥିଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ଜୁନ୍ 2022) ଯେ ପ୍ରତ୍ୟେକ ଭାଉଚର ଗୁଡ଼ିକୁ ଭବିଷ୍ୟତରେ ଦାଖଲ କରିବାପାଇଁ ପଦକ୍ଷେପ ଗ୍ରହଣ କରିବେ ।

### *4.5.3.3 କାର୍ଯ୍ୟ ସାମଗ୍ରୀରେ ଅବାସ୍ତବ ମୂଲ୍ୟ ଦେୟ*

21 ଟି ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତି (କେନ୍ଦୁଝର ସଦର, ବାଂଶପାଳ ଏବଂ ସିମୁଳିଆ) ମଧ୍ୟରୁ ତିନୋଟିରେ ନଥିପତ୍ର ଯାଞ୍ଚରୁ ସମୀକ୍ଷାରେ ଜଣାଗଲା ଯେ 2017-19 ଆର୍ଥିକ ବର୍ଷ ମଧ୍ୟରେ 80.66 ଲକ୍ଷ ଟଙ୍କା ବିନିଯୋଗରେ 45 ଟି ଲାଇଟ୍ ପୋଷ୍ଟ ବିଭାଗ ଦ୍ୱାରା ସଂଯୋଗ କରାଯାଇଥିଲା, ଯେଉଁଥିରେ କି ସାମଗ୍ରୀ ମୂଲ୍ୟ ଏବଂ ଗଢଣ ସମାନ ଆକାରର କିନ୍ତୁ କାର୍ଯ୍ୟ ମୂଲ୍ୟ ଭିନ୍ନ ଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.2*** ରେ ପ୍ରଦାନ କରାଯାଇଅଛି । ଉଦାହରଣ ସ୍ୱରୂପ 18 ଟି ଆଠ ମିଟର ଲମ୍ବର ତ୍ୱରିତ ବେଗରେ ପ୍ରବାହିତ ଅଷ୍ଟଭୁଜା ଏମ୍ଏସ୍ ପୋଲ, 3 ଏମ୍ଏମ୍ ମୋଟେଇର ଏକ ପାଇପ୍ ସହ ଟ୍ୟାପ୍, 150 ଏମ୍ଏମ୍ X 150 ଏମ୍ଏମ୍ X 16 ଏମ୍ଏମ୍ ମୋଟେଇର ମୂଲ୍ୟରେ 11,000 ଟଙ୍କା ରୁ 17,700 ଟଙ୍କା ପର୍ଯ୍ୟନ୍ତ ଯୋଗାଣ ମୂଲ୍ୟରେ ଭିନ୍ନତା ଥିଲା । ସୁତରାଂ କମ୍ ମୂଲ୍ୟର ଆଧାରକୁ ନଜରରେ ରଖି ଏହା ଲକ୍ଷ୍ୟ କରାଗଲା ଯେ 4.68 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଗଲା । (ଯାହା କେବଳ ଦୃଷ୍ଟାନ୍ତଭାବେ ଥିଲା ଏବଂ ସୁବିସ୍ତୃତ ନଥିଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ କାର୍ଯ୍ୟ ପାଇଁ ଏକ ପ୍ରକାରର ମୂଲ୍ୟ ଦେୟ କରାଯିବ ।

### *4.5.3.4 ରାସ୍ତା ଆଲୋକ ସଂଯୋଗୀକରଣରେ ସନ୍ଦେହ ଜନକ ଦେୟ*

[56] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

ଆର୍ଥିକ ବର୍ଷ 2017-18 ମଧ୍ୟରେ କେନ୍ଦୁଝର ସଦର ପଞ୍ଚାୟତ ସମିତି ଅଧୀନରେ ଡିମୋ ଗ୍ରାମ ପଞ୍ଚାୟତରେ 1.45 ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଏକ ପ୍ରକଳ୍ପ "ଡିମିରିମୁଣ୍ଡା ଡିମୋ ଛକ ପର୍ଯ୍ୟନ୍ତ ରାସ୍ତା ଆଲୋକର ସଂଯୋଗୀକରଣ କାର୍ଯ୍ୟ" ହାତକୁ ନିଆଯାଇଥିଲା । କାର୍ଯ୍ୟର ପରିସର ମଧ୍ୟରେ ତିନୋଟି ରାସ୍ତାର ଆଲୋକ ସଂଯୋଗୀକରଣ (ପ୍ରତ୍ୟେକର ଏକ ଆଠ ମିଟର ଅଷ୍ଟଭୂଜା ଜିଆଇ ପୋଲ, ଯାହାର ଉପରେ ତ୍ରିବାହୁ ବିଶିଷ୍ଟ କ୍ଷମତା ସଂଯୁକ୍ତ ହୋଇ 45 ୱାଟର ତିନୋଟି ଏଲଇଡି ଲାଇଟ୍ ଲଗାଯାଇଥିବା) ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟ (ନଭେମ୍ବର 2018) ରେ ଏକ ଜିପିଟିଏ[57]ଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ସଂପୂର୍ଣ୍ଣ ହେଲା ପରେ ସହାୟକ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ମାପର ଯାଞ୍ଚ (ଡିସେମ୍ବର 2018) କରାଯାଇ 1.45 ଲକ୍ଷ ଟଙ୍କା କାର୍ଯ୍ୟକର୍ତ୍ତାଙ୍କୁ ନିଜସ୍ୱ ହିସାବ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକର୍ତ୍ତାଙ୍କ (ଜିପିଟିଏ) ଉପସ୍ଥିତିରେ ମିଳିତ ଭୌତିକ ନିରୀକ୍ଷଣ (ଜୁନ 2022) କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଗଲା ଯେ, ଦୁଇଟି ଜାଗାରେ ଅର୍ଥାତ୍ ଡିମୋ ଜିପିରେ ଡିମୋ ଛକ (ବଂଶୀ ଛକ) ଏବଂ ଡିମିରିମୁଣ୍ଡା ସ୍କୁଲ ଛକ ଠାରେ କେବଳ ଦୁଇଟି ଲାଇଟ ପୋଷ୍ଟ ସ୍ଥାପନ କରାଯାଇଥିଲା । ତୃତୀୟ ୟୁନିଟ୍ ସ୍ଥାପନ ହୋଇଥିବାର ଦେଖିବାକୁ ମିଳି ନଥିଲା । ନିରୀକ୍ଷଣ ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଜନତା ଏବଂ ଡିମୋ ଜିପିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଶ୍ଚିତ କରିଥିଲେ ଯେ ଡିମୋ ଜିପିରେ କେବଳ ଦୁଇଟି ଲାଇଟ୍ ପୋଷ୍ଟ ସ୍ଥାପନ କରାଯାଇଥିଲା । ତେଣୁ ଏଥିରୁ ପ୍ରମାଣିତ ହେଲା ଯେ କାର୍ଯ୍ୟକତ୍ତାଙ୍କୁ, ସଂପୂର୍ଣ୍ଣ ପ୍ରାପ୍ୟ ପ୍ରଦାନ ପରେ ମଧ ତୃତୀୟ ଲାଇଟ୍ ପୋଷ୍ଟ ସଂଯୋଗ ହୋଇ ନାହିଁ । ଏହାର ଫଳରେ ପ୍ରକଳ୍ପ ମୂଲ୍ୟ 0.48 ଟଙ୍କା ପ୍ରଦାନରେ ସନ୍ଦେହ ରହିଅଛି ।

ସେହିପରି ଯାଜପୁର ଜିଲ୍ଲାର ଧର୍ମଶାଳା ପଞ୍ଚାୟତ ସମିତିର ଚହଟା ଜିପିରେ 7.00 ଲକ୍ଷ ଟଙ୍କା ବିନିଯୋଗରେ ପ୍ରତ୍ୟେକ 60 ୱାଟ ରାସ୍ତା ଆଲୋକ ସହିତ 12ଟି ଅଷ୍ଟଭୂଜା ପୋଲ୍ ସଂଯୋଗୀକରଣ (ଜୁନ୍ 2019) ହୋଇଥିଲା । ପ୍ରକଳ୍ପର ମିଳିତ ଭୌତିକ ନିରୀକ୍ଷଣରୁ (ସେପ୍ଟେମ୍ବର 2022) ଜଣାଗଲା ଯେ କେବଳ 11 ଟି ପୋଲ୍ ସହିତ ଏଲଇଡି ଲାଇଟ୍ ସଂଯୋଗୀକରଣ ହୋଇଥିବା ଏବଂ ଗୋଟିଏ ପୋଲ୍ ସହିତ ରାସ୍ତା ଆଲୋକ ନ ଥିଲା । ଏହିପରି 0.58 ଲକ୍ଷ ଟଙ୍କା ବ୍ୟୟରେ ସନ୍ଦେହ ରହିଥିଲା ।

ବ୍ଲକ୍ ଉନ୍ନୟନ ଅଧିକାରୀ, କେଉଁଝର ସଦର ପଞ୍ଚାୟତ ସମିତି ତଥ୍ୟକୁ ଟିପ୍ପଣୀ କୃତ କରି କୌଣସି ମନ୍ତବ୍ୟ ପ୍ରଦାନ କରିନଥିଲେ । ଯାହାହେଉ ଧର୍ମଶାଳା ପଞ୍ଚାୟତ ସମିତିର ବ୍ଲକ ଉନ୍ନୟନ ଅଧିକାରୀ ଜଣାଇଥିଲେ (ଅକ୍ଟୋବର 2022) ଯେ ତଥ୍ୟର ଅନୁସନ୍ଧାନ କରାଯାଇ ପ୍ରତିକାର ଗ୍ରହଣ କରାଯିବ ।

### *4.5.4 ମଷ୍ଟର ରୋଲ ମାଧ୍ୟମରେ ନିର୍ମାଣ କାର୍ଯ୍ୟ ନିର୍ବାହରେ କାର୍ଯ୍ୟ କରିଥିବା ଶ୍ରମିକ ମାନଙ୍କୁ ମଜୁରୀ ପ୍ରଦାନରେ ସନ୍ଦେହ*

ବିଭାଗ ଦ୍ୱାରା କାର୍ଯ୍ୟ ନିର୍ବାହ କରିବା ପାଇଁ ଏବଂ ମଷ୍ଟର ରୋଲ୍ ମାଧ୍ୟମରେ ମଜୁରୀ ପ୍ରଦାନ କରିବା ପାଇଁ ଓପିଡବ୍ଲ୍ୟୁଡି କୋଡ୍ ଭାଗ-11 ରେ **ପରିଶିଷ୍ଟ- XIV** ରେ ମଷ୍ଟର ରୋଲରେ ମେସିନ୍ ଛପା ସଂଖ୍ୟା, ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ, ନିର୍ଦ୍ଦିଷ୍ଟ ଅବଧି ପାଇଁ ସଂପୃକ୍ତ ଡିଭିଜନାଲ ଅଧିକାରୀଙ୍କ ଦସ୍ତଖତ ଥାଇ ମଷ୍ଟର ରୋଲରେ ପିତାଙ୍କ ନାମ, ଶ୍ରମିକମାନଙ୍କର ଠିକଣା, ମଜୁରୀ ପ୍ରଦାନ ପାଇଁ ବାମ ଆଙ୍ଗୁଠି ଛାପର ଅନୁପ୍ରମାଣନ ହୋଇଥିବା ଦରକାର । ଶ୍ରମିକ ମାନଙ୍କୁ ବ୍ୟାଙ୍କ ହିସାବ ଖାତା ମାଧ୍ୟମରେ ମଜୁରୀ ପ୍ରଦାନ କରିବା ଏବଂ ତାହା ଏମଜିଏନଆରଇଜିଏସ୍ ଅଧୀନରେ ହୋଇଥିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ଆର୍ଥିକ ବର୍ଷ 2017-19 ରେ ନଅଟି[58] ନମୁନା ଯାଞ୍ଚ ପଞ୍ଚାୟତ ସମିତିର 175 ଟି ନମୁନା ଯାଞ୍ଚ ମାମଲାରେ 1.08 କୋଟି ଟଙ୍କାର ମଜୁରୀ ବିତରଣ ପାଇଁ 662ଟି ମଷ୍ଟର ରୋଲ ଜାରି କରାଯାଇଥିଲା । ମଷ୍ଟର ରୋଲ ରକ୍ଷଣାବେକ୍ଷଣରେ ନିମ୍ନଲିଖିତ ଦୋଷତ୍ରୁଟି ଗୁଡିକ ଲକ୍ଷ୍ୟ କରାଯାଇଥିଲା ।

- ଏହି ସବୁ ନମୁନା ଯାଞ୍ଚ ମାମଲାରେ ମଷ୍ଟରରୋଲ ଗୁଡିକ ମେସିନ୍ ଦ୍ୱାରା ନମ୍ବର ହୋଇ ନ ଥିଲା କିମ୍ବା ନିର୍ମାଣ ପ୍ରାଧିକାରୀଙ୍କ ଦ୍ୱାରା ଦୀକ୍ଷିତ କରାଯାଇ ନଥିଲା । ଅଧିକନ୍ତୁ ଶ୍ରମିକ ମାନଙ୍କର ଉପସ୍ଥାନକୁ ଲେଖି ରଖିବା ପାଇଁ ନିର୍ଦ୍ଧାରିତ ଫର୍ମାଟ୍ ମଧ ବ୍ୟବହାର କରାଯାଇନ ଥିଲା ।
- ଏହି ସବୁ ନମୁନା ଯାଞ୍ଚ ମାମଲାରେ ଯଦିଓ 662ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 1.08 କୋଟି ଟଙ୍କା ମଜୁରୀ ପ୍ରଦାନ କରାଯାଇଥିଲା, କାର୍ଯ୍ୟ କରିଥିବା ସଂପୃକ୍ତ ଶ୍ରମିକମାନଙ୍କ କର୍ଯ୍ୟ ଅବଧି ଉଲ୍ଲେଖିତ ହୋଇନଥିଲା ।

---

[57] ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ

[58] ଦାନଗଦି, ବସ୍ତା, ସିମୁଳିଆ, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ ଏବଂ ରଙ୍ଗେଇଲୁଣ୍ଡା

- ଏହି ସବୁ ନମୁନା ଯାଞ୍ଚ ମାମଲାରେ ଯଦିଓ 662ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 1.08 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଶ୍ରମିକ ମାନଙ୍କର ଚିହ୍ନିତ ସଂଖ୍ୟା ଯଥା ଭୋଟର ଆଇ ଡି କାର୍ଡ/ ଜବ୍ କାର୍ଡ/ ଆଧାର କାର୍ଡ ଇତ୍ୟାଦି ଉଲ୍ଲେଖିତ ହୋଇନଥିଲା । ପୁନଶ୍ଚ ମଷ୍ଟର ରୋଲରେ ଉଲ୍ଲେଖିତ ହୋଇଥିବା ଶ୍ରମିକ ଏବଂ ମଜୁରୀ ବାବଦରେ କୌଣସି ପ୍ରମାଣ ପତ୍ର ନଥିଭୁକ୍ତ ହୋଇନଥିଲା ଏବଂ ଦାୟିତ୍ୱରେ ଥିବା ଅଧିକାରୀ ଦ୍ୱାରା ସଠିକ୍ ଚିହ୍ନିତ କରି ମଜୁରୀ ପ୍ରଦାନ କରାଯାଇଥିଲା । କୌଣସି ମାମଲାରେ ବାମ ଆଙ୍ଗୁଠି ଟିପ ଚିହ୍ନକୁ ଅନୁପ୍ରମାଣ କରି ମଜୁରୀ ପ୍ରଦାନ କରାଯାଇନଥିଲା ।
- ପାଞ୍ଚଟି ପଞ୍ଚାୟତ ସମିତିରେ 6 ଟି କାମ ପାଇଁ (କେଉଁଝରର ସଦର 1; ବଂଶପାଳ 1, ଚମ୍ପୁଆ 2; , କାଶୀପୁର 1; ଏବଂ ରଙ୍ଗେଇଲୁଣ୍ଡା 1) ; 13ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 123 ଜଣ ଶ୍ରମିକମାନଙ୍କୁ 2.73 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରାଯାଇଥିଲା । ସେଗୁଡିକ ମଧ୍ୟରୁ 1.63 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରାଯିବାର ପ୍ରାପ୍ତି ସ୍ୱୀକାର ହାସଲ କରାଯାଇନଥିଲା । କୌଣସି ମାମଲାରେ ବ୍ୟାଙ୍କ ହିସାବ ଖାତା ମାଧ୍ୟମରେ ପ୍ରଦାନ କରାଯାଇନଥିଲା ।
- ତିନୋଟି ପଞ୍ଚାୟତ ସମିତି (କେଉଁଝରର ସଦର, ବାଂଶପାଳ ଏବଂ ଚମ୍ପୁଆ)ର ଛଅଟି କାର୍ଯ୍ୟର ଯଦିଓ 22ଟି ମଷ୍ଟର ରୋଲରେ ସଂପୃକ୍ତ ଶ୍ରମିକମାନଙ୍କ ଠାରୁ 3.06 ଲକ୍ଷ ଟଙ୍କା ପ୍ରଦାନ କରାଯିବାର ପ୍ରାପ୍ତି ସ୍ୱୀକାର ହାସଲ କରାଯାଇଥିଲା, କିନ୍ତୁ ସମ୍ବନ୍ଧୀୟ ମଷ୍ଟର ରୋଲରେ ପ୍ରାସଙ୍ଗିକ ପ୍ରଦାନର ସବିଶେଷ ବିବରଣୀ ଉଲ୍ଲେଖିତ ହୋଇନଥିଲା ।
- ଗୋଟିଏ ମାମଲାରେ ମଷ୍ଟର ରୋଲରେ ଶ୍ରମିକ ମାନଙ୍କର ବାମ ଆଙ୍ଗୁଠି ଟିପ ଚିହ୍ନ କରାଯାଇଥିଲା । କିନ୍ତୁ ଶ୍ରମିକ ମାନଙ୍କର ନାମ, କରିଥିବା କାର୍ଯ୍ୟ ଦିବସ ଏବଂ ମଜୁରୀ ପ୍ରଦାନ ବାବଦରେ ସବିଶେଷ ତଥ୍ୟ ଇତ୍ୟାଦି ସୂଚିତ ହୋଇନଥିଲା । ଏହା ସୂଚିତ କରୁଅଛି ଯେ ଆଗୁଆ ଭାବରେ ଶ୍ରମିକମାନଙ୍କର ସ୍ୱୀକୃତିକୁ କାର୍ଯ୍ୟ କର୍ତ୍ତାଙ୍କ ଦ୍ୱାରା ହାସଲ କରି ପରେ ମଷ୍ଟର ରୋଲରେ ସବିଶେଷ ବିବରଣୀ ପୂରଣ କରାଯାଇଥିଲା । .

ସ୍ୱଚ୍ଛତାର ଅଭାବ ଏବଂ ମଷ୍ଟର ରୋଲ ରକ୍ଷଣାବେକ୍ଷଣରେ ଔଚିତ୍ୟତାର ଅଭାବକୁ ଉପରୋକ୍ତ ଅନିୟମିତତା ସୂଚିତ କରୁଅଛି ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ ମଷ୍ଟର ରୋଲ ଗୁଡିକୁ ସଠିକ୍ ଭାବରେ ପ୍ରସ୍ତୁତ କରାଯିବ ।

### 4.5.5 *କମ୍ ମଜୁରୀ ପ୍ରଦାନ*

ଖାଉଟି ମୂଲ୍ୟ ନିର୍ଦ୍ଧାରଣ ସୂଚକକୁ ଆଧାର କରି ମଜୁରୀ ପୁନଃ ନିରୀକ୍ଷଣ ପଦ୍ଧତିକୁ ଓଡିଶା ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ (ଜୁଲାଇ 2015) ରେ ଅନୁସରଣ କରିଥିଲେ । ସେହି ଅନୁଯାୟୀ ଓଡିଶାର ଶ୍ରମ କମିଶନର ବିଭିନ୍ନ ସମୟରେ[59] ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ପାଇଁ ନ୍ୟୁନତମ ମଜୁରୀ ଦରର ପୁନଃ ନିରୀକ୍ଷଣ କରିଥିଲେ ।

ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଆଠଟି[60] ର ନମୁନା ଯାଞ୍ଚ ନଥିପତ୍ରରୁ ଜଣାଗଲା ଯେ 155ଟି କାର୍ଯ୍ୟର 31,308 ମନୁଷ୍ୟ ଦିବସ ପାଇଁ 6.66 ଲକ୍ଷ ଟଙ୍କାର କମ୍ ମଜୁରୀ ପ୍ରଦାନ କରାଯାଇଥିଲା । ଯାହାକି ନିର୍ଦ୍ଧାରିତ ନ୍ୟୁନତମ ମଜୁରୀ ଠାରୁ କମ୍ ଥିଲା ଯାହାର ସବିଶେଶ ବିବରଣୀ ***ପରିଶିଷ୍ଟ- 4.3*** ରେ ପ୍ରଦାନ କରାଗଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟଗୁଡିକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ ମଜୁରୀ ପ୍ରଦାନରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

### 4.5.6 *ସ୍ୱଚ୍ଛତା ପଦ୍ଧତିକୁ ନ ମାନି ନିର୍ମାଣ ସାମଗ୍ରୀ କ୍ରୟ ।*

ଅର୍ଥ ବିଭାଗର ଓଏମ୍ ସଂଖ୍ୟା -4939/ ଏଫ୍ ତା 13.2. 2012 ଅନୁଯାୟୀ ଯେତେବେଳେ ସାମଗ୍ରୀ ସଂଗ୍ରହଣରେ ଅଟକଳ ମୂଲ୍ୟ 5 ଲକ୍ଷ ଟଙ୍କାରୁ କମ୍ ହୋଇଥିବ, ନିଲାମ ଦସ୍ତାବିଜର ନକଲ ଗୁଡିକ ପ୍ରତ୍ୟେକ୍ଷ ଭାବରେ ତିନୋଟିରୁ ଅଧିକ ପଞ୍ଜୀକୃତ ଫାର୍ମମାନଙ୍କୁ ପଠାଇବା ଦରକାର । ସେହିପରି ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଅନୁଦେଶ

[59] ଓଡ଼ିଶା ଲେବର କମିଶନରଙ୍କ ବିଜ୍ଞାପନ , 30 ଏପ୍ରିଲ୍ 2018, 7 ନଭେମ୍ବର 2019, 21 ଅକ୍ଟୋବର 2020 ଏବଂ 2 ନଭେମ୍ବର 2021.

[60] ବସ୍ତା, ସିମୁଳିଆ, ଜଳେଶ୍ୱର, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର ଏବଂ ବିଷମକଟକ

(ସେପ୍ଟେମ୍ବର 2017 ଏବଂ ଜୁଲାଇ 2018) ଅନୁଯାୟୀ କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ସାମଗ୍ରୀ ଯୋଗାଡ ବେଳେ ସଠିକ୍ ଜିଏସ୍‌ଟି ପଞ୍ଜୀକୃତ ସଂଖ୍ୟା ଥିବା ସ୍ୱୀକୃତି ପ୍ରାପ୍ତ ଯୋଗାଣ କାରୀମାନଙ୍କ ଠାରୁ ସାମଗ୍ରୀ ବାବଦରେ ଭାଉଚର/ବିଲ୍ ପ୍ରଦାନ କରିବା ଦରକାର । ପ୍ରକଳ୍ପର ସାମଗ୍ରୀ ଏବଂ ଶ୍ରମ ମୂଲ୍ୟ ଗୁଡିକୁ ଟିଆଇଏନ୍ ପଞ୍ଜୀକୃତ ଜିଏସ୍‌ଟି ନିକାସ ପ୍ରମାଣପତ୍ର ଥିବା ସଂପୃକ୍ତ ଯୋଗାଣକାରୀ ଏବଂ ଶ୍ରମିକମାନଙ୍କର ବ୍ୟାଙ୍କ ହିସାବ ଖାତାକୁ କ୍ରମାନୁସାରେ ପଠାଇବା ଦରକାର । କୌଣସି ମାମଲାରେ କାର୍ଯ୍ୟ ବିଲ୍ ଟଙ୍କା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କର ନିଜସ୍ୱ ବ୍ୟାଙ୍କ ଖାତା ରେ ଜମା ହେବ ନାହିଁ ।

12[61]ଟି ରେ ପରୀକ୍ଷଣ ଯାଞ୍ଚ୍ ପଞ୍ଚାୟତ ସମିତିର 6.24 କୋଟି ଟଙ୍କା ଅଟକଳ ମୂଲ୍ୟର 230ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟରେ ନିମ୍ନଲିଖିତ ଅନିୟମିତତା ଗୁଡିକ ପ୍ରକଟ ହୋଇଥିଲା:

- **ଅଣ-ବିଦ୍ୟମାନ ଜିଏସ୍‌ଟିଏନ୍ ପଞ୍ଜୀକୃତ ଫର୍ମ/ ଅଣ ବିଦ୍ୟମାନ ଫାର୍ମ ମାନଙ୍କ ଠାରୁ ନିର୍ମାଣ କାର୍ଯ୍ୟ ସାମଗ୍ରୀ ଯୋଗାଡ଼:** 91 ଟି କାର୍ଯ୍ୟରେ (44 ପ୍ରତିଶତ) 62.04 ଲକ୍ଷ ଟଙ୍କାର ପଥର ଦ୍ରବ୍ୟ ଯୋଗାଣକାରୀ ମାନଙ୍କ ଠାରୁ ସଂଗ୍ରହ କରାଯାଇଥିଲା ଯେଉଁମାନେ କି ବିଦ୍ୟମାନ ନଥିଲେ ।
- 6.24 କୋଟି ଟଙ୍କାର ଅଟକଳ ହୋଇଥିବା 230 ଟି କାର୍ଯ୍ୟରେ 1.58 କୋଟି ଟଙ୍କାରେ 23,091 କୁଇଣ୍ଟାଲ୍ ସିମେଣ୍ଟ କିଣା ଯାଇଥିଲା, ଏହା ମଧ୍ୟରୁ 1.58 କୋଟି ଟଙ୍କା ମୂଲ୍ୟର 10,369 କୁଇଣ୍ଟାଲ ସିମେଣ୍ଟ (67.67 ଲକ୍ଷ ଟଙ୍କାର) ଯେଉଁ ବିକ୍ରେତାଙ୍କ ପାଖରୁ ସଂଗ୍ରହ କରାଯାଇଥିଲା ଜିଏସ୍‌ଟି ୱେବ୍ ପୋର୍ଟାଲ ଯାଞ୍ଚ କରିବା ଦ୍ୱାରା ଜଣାପଡ଼ିଲା ଯେ ସେ ଜିଏସ୍‌ଟି ଅଧିନରେ ପଞ୍ଜୀକୃତ ନୁହଁନ୍ତି, ଏଥିରୁ ସୂଚୀତ ହେଉଅଛି ଯେ ଦାଖଲ କରାଯାଇଥିବା ବିଲ୍ ଅସଲି ନୁହେଁ ।
- **ହାତ ରସିଦରେ ସାମଗ୍ରୀ ମୂଲ୍ୟ ପ୍ରଦାନ**: 81 ଟି କାର୍ଯ୍ୟରେ 56.84 ଲକ୍ଷ ଟଙ୍କାର ନିର୍ମାଣ ସାମଗ୍ରୀ ସ୍ଥାନୀୟ ଯୋଗାଣକାରୀଙ୍କ ଠାରୁ ହାତ ରସିଦ୍ ଉପରେ କ୍ରୟ କରାଯାଇଥିଲା ।
- **ମୋଟର ବାଇକ୍, କାର ଇତ୍ୟାଦିରେ ନିର୍ମାଣ ସାମଗ୍ରୀର ପରିବହନ ଇତ୍ୟାଦି :** 190 ଟି କାର୍ଯ୍ୟରେ 82.16 ଲକ୍ଷ ଟଙ୍କା ହାତ ରସିଦ ଉପରେ ପ୍ରଦାନ କରାଯାଇଥିଲା ବୋଲି ଦର୍ଶାଯାଇଥିଲା । ସେଥିମଧ୍ୟରୁ 42 ଟି କାର୍ଯ୍ୟରେ ଭାରି ଓଜନ ସାମଗ୍ରୀ ଯଥା: ବାଲି, ଚିପ୍ସ, ମେଟାଲ ଇତ୍ୟାଦି ମୋଟର ବାଇକ୍/କାର/ବସ୍/ଫିଟନେସ୍ ଅବଧି ଶେଷ ହୋଇଯାଇଥିବା ଗାଡ଼ି ଗୁଡ଼ିକରେ ପରିବହନ କରାଯାଇଥିବା ଦର୍ଶାଇ 8.64 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିନା ଛପା ରସିଦ ମାଧ୍ୟମରେ ଟଙ୍କା ପ୍ରଦାନ କରି ଯଥାର୍ଥତାକୁ ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲେ ।

ଉପରୋକ୍ତ ଦୃଷ୍ଟାନ୍ତରୁ ଏହା ସୂଚୀତ ହେଉଥିଲା ଯେ ସାମଗ୍ରୀ ସଂଗ୍ରହରେ ସ୍ୱଚ୍ଛତାର ଅଭାବ ଥିଲା ଏବଂ ଯଥାର୍ଥ ଧ୍ୟାନ ଦିଆ ନ ଯାଇ ଅର୍ଥ ପ୍ରଦାନ କରାଯାଇଥିଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ ବିଭାଗ ଦ୍ୱାରା ଏହି କାମ ନିର୍ବାହ କରାଯାଇଥିଲା । ଏହି କାର୍ଯ୍ୟର ଦାୟୀତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇ ସାରିଅଛି । ଉତ୍ତର ଗ୍ରହଣୀୟ ନଥିଲା ଏହା ବିଭାଗର ଅନୁଦେଶକୁ ଉଲ୍ଲଙ୍ଘନ କରୁଥିଲା । ଏଣୁ ଏହିସବୁ ସନ୍ଦେହଜନକ ଯୋଗାଣ ମାମଲା ଗୁଡ଼ିକର ସବିଶେଷ ଅନୁସନ୍ଧାନ କରି ଦାୟୀତ୍ୱରେ ଥିବା ଅଧିକାରୀମାନଙ୍କ ବିରୋଧରେ ଉପରୋକ୍ତ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଧାର୍ଯ୍ୟ କରାଯିବା ଆବଶ୍ୟକ ।

### *4.5.7 ସିମେଣ୍ଟ କଂକ୍ରିଟ୍ ରାସ୍ତାର ଅଧିକ ଓସାର ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 6.2.3 ଅନୁଯାୟୀ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଓସାର 3 ରୁ 3.5 ମିଟର ହେବା ସହିତ ପ୍ରତ୍ୟେକ ପାଞ୍ଚ ମିଟର ବ୍ୟବଧାନରେ ପ୍ରସାରଣ ଯୋଡ଼ ରହିବା ଦରକାର । ପୁନଶ୍ଚ ମାର୍ଗଦର୍ଶିକାର ଅନୁଚ୍ଛେଦ 6.2.8 ଠାରୁ 6.2.9 ଅନୁଯାୟୀ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀ/ ଜିପିଟିଏ କାର୍ଯ୍ୟକ୍ଷେତ୍ରକୁ ନିଜେ ପରିଦର୍ଶନ କରି ଯୋଜନା ଅନୁଯାୟୀ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଚିତ୍ରାଙ୍କନ ପ୍ରସ୍ତୁତ କରି କଂକ୍ରିଟ୍ ଢଳେଇ ସମୟରେ କାର୍ଯ୍ୟସ୍ଥଳରେ ନିଜେ ଉପସ୍ଥିତ ରହିବା ପାଳନୀୟ ଅଟେ ।

[61] ବସ୍ତା, ଦାନଗଦି, ସିମୁଳିଆ, ଜଳେଶ୍ୱର, କୋଏରା, ହେମଗିରି, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ ଏବଂ ମୁନିଗୁଡ଼ା

ଦୁଇଟି ନମୁନା ଯାଞ୍ଚ ବ୍ଲକ୍ (ବିଷମକଟକ ଏବଂ ମୁନିଗୁଡ଼ା) ରେ 76.11 ଲକ୍ଷ ଟଙ୍କା ଅଟକଳରେ 40 ଟି ନମୁନା ଯାଞ୍ଚ କାର୍ଯ୍ୟ 76.08 ଲକ୍ଷ ଟଙ୍କା ବ୍ୟୟରେ ନିର୍ବାହ କରାଯାଇଥିଲା । ଯାହା ହେଉନା କାହିଁକି ରାସ୍ତାର ଓସାର 3.6 ମିଟର ରୁ 9 ମିଟର ପର୍ଯ୍ୟନ୍ତ ରହିଥିଲା । ଏହି ଅଧିକ ଓସାର ପାଇଁ 15.79 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ଯାହାକି ପରିହାର୍ଯ୍ୟ କରାଯାଇପାରିଥାନ୍ତା ତାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.4*** ର ପ୍ରଦାନ କରାଗଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଅଧିକ ଓସାର ସ୍ଥାନୀୟ ଲୋକଙ୍କ ଦାବୀ ଯୋଗୁଁ ନିର୍ବାହ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ ଏହା ମାର୍ଗଦର୍ଶିକାର ଉଲ୍ଲଙ୍ଘନ ହୋଇଥିଲା ଏବଂ ଯେଉଁ ଅଧିକ ଖର୍ଚ୍ଚ ହୋଇଥିଲା ସେହି ଖର୍ଚ୍ଚରେ ରାସ୍ତାର ଲମ୍ବା ଅଧିକ ହୋଇପାରିଥାନ୍ତା ।

### *4.5.8 ଧାଡ଼ି କେନାଲର ଶଯ୍ୟା ଏବଂ ପାର୍ଶ୍ଵ କାନ୍ଥ ଗୁଡ଼ିକର ଅଧିକ ମୋଟେଇ ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ*

ଭାରତୀୟ ମାନକ 12379 (ଜଳ ଆସ୍ତର ବିଷୟ ଏବଂ କ୍ଷେତ୍ର ପ୍ରଣାଳୀ ପାଇଁ କାର୍ଯ୍ୟ ପଦ୍ଧତିର ନିୟମ କୋଡ) ରେ ବିହିତ କରାଯାଇଅଛି ଯେ କ୍ଷେତ୍ର ପ୍ରଣାଳୀର ମାନକ ଧାଡ଼ି/ ସ୍ତର ଉପରେ କେନାଲର ସିମେଣ୍ଟ କଂକ୍ରିଟ୍ (50 ମିମି ମୋଟେଇ) ହୋଇ ଏକ 100 ମାଇକ୍ରନ୍ ତଳୁଆ ସାନ୍ଦ୍ରତା ପଲି ଇଥାଇଲିନ୍ (ଏଲ୍‌ଡିପିଇ) ଫିଲ୍ମ ରହିବା କଥା । ଯେତେବେଳେ ଏଲ୍‌ଡିପିଇ ଫିଲ୍ମର ବ୍ୟବହାର ହୋଇ ନ ପାରିବ ସେତେବେଳେ କାନ୍ଥରେ ସିଧା ପାର୍ଶ୍ଵ 75 ଏମ୍‌ଏମ୍ ମୋଟେଇ ସିମେଣ୍ଟ କଂକ୍ରିଟ୍ (1:3:6)[62] ଅଥବା ପଥରରେ / ଇଟାରେ (150 ଏମ୍‌ଏମ୍ ମୋଟେଇ) ରେ ନିର୍ମାଣ ହେବା ଦରକାର ।

ତିନୋଟି ନମୁନା ଯାଞ୍ଚ ପଞ୍ଚାୟତ ସମିତିରେ 53.58 ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ନିର୍ବାହ ହୋଇଥିବା 21 ଟି ଲାଇନ୍ କେନାଲ କାର୍ଯ୍ୟର ପରୀକ୍ଷଣ ଯାଞ୍ଚରୁ ଜଣାଗଲା ଯେ ସମସ୍ତ ଅଂଶ ପାଇଁ ଶଯ୍ୟା ଏବଂ ସିଧା ପାର୍ଶ୍ଵ କାନ୍ଥଗୁଡ଼ିକ ସିମେଣ୍ଟ କଂକ୍ରିଟ୍ (1:3:6) ବ୍ୟବସ୍ଥା କରାଯାଇଥିଲା । କେନାଲ ଶଯ୍ୟାର ମୋଟେଇ 50 ଏମ୍ ଏମ୍ ପରିବର୍ତ୍ତେ 700 ରୁ 2100 ଏମ୍‌ଏମ ମୋଟେଇର ନିର୍ମାଣ ହୋଇଥିଲା, ପାର୍ଶ୍ଵ କାନ୍ଥର ମୋଟେଇ 75 ଏମ୍‌ଏମ୍ ପରିବର୍ତ୍ତେ 100 ଏମ୍‌ଏମ୍‌ରୁ 1,650 ଏମ୍‌ଏମ୍ ମୋଟେଇର ନିର୍ମାଣ ହୋଇଥିଲା ।

ତେଣୁ, ଶଯ୍ୟା ଏବଂ କାନ୍ଥର ଅଧିକ ମୋଟେଇର ବ୍ୟବସ୍ଥା ଯୋଗୁଁ 739 କ୍ୟୁବିକ୍ ମିଟର ସିମେଣ୍ଟ କଂକ୍ରିଟ୍ (1:3:6) ଅଧିକ ବିନିଷ୍ଟ ହୋଇଥିଲା । ଫଳସ୍ଵରୂପ, 27.89 ଲକ୍ଷ ଟଙ୍କା ପରିହାର୍ଯ୍ୟ କରାଯାଇପାରିଥାନ୍ତା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ- 4.5*** ରେ ଦର୍ଶାଯାଇଅଛି ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟଗୁଡ଼ିକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, କେନାଲର ଶଯ୍ୟା ଏବଂ କାନ୍ଥର ଅଧିକ ମୋଟେଇ ସ୍ଥାନୀୟ ଦାବି ଯୋଗୁଁ ବ୍ୟବସ୍ଥା କରାଯାଇଥିଲା ଏବଂ ଆଶ୍ଵାସନା ଦେଇଥିଲେ ଯେ ଭବିଷ୍ୟତରେ କେନାଲ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ଯତ୍ନ ନିଆଯିବ । ଉତ୍ତର ଗ୍ରହଣୀୟ ନଥିଲା କାରଣ ଅଧିକ ମୋଟେଇର ବ୍ୟବସ୍ଥା ବିହିତ ମାନକର ଉଲ୍ଲଂଘନ ହୋଇଥିଲା ।

### *4.5.9 କାର୍ଯ୍ୟ ନିର୍ବାହରେ ଖର୍ଚ୍ଚର ଅପବ୍ୟୟ*

ଗୋପବନ୍ଧୁ ଗ୍ରାମୀଣ ଯୋଜନର ମାର୍ଗଦର୍ଶିକା ଅନୁଯାୟୀ ଗ୍ରାମ ପଞ୍ଚାୟତ ପାଇଁ ବାର୍ଷିକ ଅନୁଯୋଜନାରେ ପଲ୍ଲୀ ସଭାରେ ସୁପାରିଶ ହୋଇଥିବା ପ୍ରୟୋଜନ ଆଧାରିତ ପ୍ରକଳ୍ପଗୁଡ଼ିକୁ ସାମିଲ୍ କରିବା ଦରକାର । ପୁନଶ୍ଚ ମାର୍ଗଦର୍ଶିକା ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ[63] ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ଵାରା ଜାରି (ଅଗଷ୍ଟ 2010) ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସ୍ଥାନୀୟ ଜନତାଙ୍କ ସହିତ ପରାମର୍ଶ କରି ଜଳସ୍ରୋତ ଉପରେ ଅସ୍ଥାୟୀ ବନ୍ଧ ନିର୍ମାଣ କରି ପାରମ୍ପରିକ ଜଳସେଚନ କରୁଥିବା ସ୍ଥାନରେ ଚେକ୍ ଡ୍ୟାମ୍ ନିର୍ମାଣ ହେବା ଆବଶ୍ୟକ ।

---

62 କ୍ରମାନୁସାରେ ସିମେଣ୍ଟ, ଚିପ୍ସ ଏବଂ ବାଲି ମିଶ୍ରଣର ସମାନୁପାତ ଯଥାକ୍ରମେ 1:3:6

63 'ଚେକ୍ ଡ୍ୟାମ ଗୁଡ଼ିକ ଛୋଟ ଡ୍ୟାମ୍ ଯାହା ଛୋଟ ନଦୀ/ ପ୍ରବାହ ଉପରେ ନିର୍ମାଣ ହୋଇଥିଲା ଯାହା ପ୍ରାଥମିକ ଭାବରେ ଭୂତଳ ଜଳକୁ ରିଚାର୍ଜ କରି ଉଠା ଜଳସେଚନ ମାଧ୍ୟମରେ ନିକଟବର୍ତ୍ତୀ ଗ୍ରାମ ମାନଙ୍କୁ ପିଇବା ପାଣି ସୁବିଧା ।

କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, 18.00 ଲକ୍ଷ ଟଙ୍କା ବିନିଯୋଗରେ ସ୍ଥାନୀୟ କୃଷକମାନଙ୍କୁ ଜଳସେଚନ ସୁବିଧାର ବ୍ୟବସ୍ଥା ପାଇଁ ଦୁଇଟି[64] ଚେକ୍ ଡ୍ୟାମ୍ ସହିତ କ୍ଷେତ୍ର ଚାନେଲ୍[65] ଏବଂ ଦୁଇଟି[66] କ୍ଷେତ୍ର ଚାନେଲ୍ ନିର୍ମାଣ ହୋଇଥିଲା (ଜାନୁଆରୀ ଏବଂ ଡିସେମ୍ବର 2018 ମଧ୍ୟରେ) ।

**ଫଟୋଗ୍ରାଫ୍ ସଂଖ୍ୟା.- 4.3**



**ଲକ୍ଷ୍ମୀପୁର ପିଏସ୍‌ର ଗୌଡ଼ଗୁଡ଼ା ଜିପିର ଖଜୁରୀପୁଟଠାରେ ଚେକ୍ ଡ୍ୟାମ୍‌ରେ ଜଳ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ ନାହିଁ**

ଉପରୋକ୍ତ ସମ୍ପତ୍ତିଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣରୁ (ଡିସେମ୍ବର 2022) ଜଣାଗଲା ଯେ ଏହି ଚେକ୍ ଡ୍ୟାମ୍ ଗୁଡ଼ିକରେ ଜଳ ଭଣ୍ଡାର ପାଇଁ କୌଣସି ସୁବିଧା ନଥିଲା ଏବଂ ଚେକ୍ ଡ୍ୟାମ୍ ଚାରିପଟେ କୌଣସି ଚାଷ ଜମି ନଥିଲା । ପୁନଶ୍ଚ ଏହି କ୍ଷେତ୍ର ଚାନେଲ୍ ପଡ଼ିଆ ଜମି ଉପରେ ନିର୍ମାଣ କରାଯାଇଥିଲା, ଯେଉଁଠାରେ କୌଣସି ଚାଷ କାର୍ଯ୍ୟ ହୋଇପାରିବ ନାହିଁ । ତେଣୁ, କ୍ଷେତ୍ର ବାଛିବାରେ ସଠିକ୍ ହୋଇ ନଥିବା ଯୋଗୁଁ ଏହି ପ୍ରକଳ୍ପ ଗୁଡ଼ିକ ଜଳ ଭଣ୍ଡାରରେ ଜଳ ଧାରଣ କରି ଜଳସେଚନ କରିବାରେ ବିଫଳ ହେବା ଯୋଗୁଁ 18 ଲକ୍ଷ ଟଙ୍କାର ବ୍ୟୟ ବିଫଳ ହୋଇଥିଲା ।

ସେହିପରି, କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ପଞ୍ଚାୟତ ସମିତିର ସୁଙ୍କି ଗ୍ରାମ ପଞ୍ଚାୟତରେ 50 ଲକ୍ଷ ଟଙ୍କା ବ୍ୟୟ ଅଟକଳରେ 49.25 ଲକ୍ଷ ଟଙ୍କା ବିନିଯୋଗରେ ଏକ ବକ୍ସ ସେଲ୍ ସେତୁ[67] କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା (ମଇ 2019) । ଅଡିଟ୍‌ରେ ସମ୍ପତ୍ତିଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣ ସଞ୍ଚାଳନରୁ (ଡିସେମ୍ବର 2022) ଦେଖାଗଲା ଯେ, ସେତୁଟି ଭଗ୍ନ ଅବସ୍ଥାରେ ଅଛି ଏବଂ ଏହାର ଚାରି ପାଖରେ ଥିବା ସ୍ଥାନୀୟ ଜନତାଙ୍କର ଯୋଗାଯୋଗ ସୁବିଧାରେ ବ୍ୟାଘାତ୍ ସୃଷ୍ଟି ହେଉଛି । ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପାଖରେ ଥିବା ନଥିପତ୍ରରୁ ସେତୁ କ୍ଷତି ହେବାର କାରଣ ଏବଂ କେତେ ଦିନ ହେଲା କ୍ଷତି ହେଲାଣି ଦେଖିବାକୁ ମିଳି ନଥିଲା । ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, କାର୍ଯ୍ୟ ନିର୍ବାହ ପୂର୍ବରୁ ଅଧିକ ବନ୍ୟା ସମୟରେ ଜଳର ସ୍ତରକୁ ଆକଳନ କରି ଏବଂ ଜଳ ଗ୍ରହଣ ଅଞ୍ଚଳକୁ ଜଳ ନିଷ୍କାସନ ହେବା ପାଇଁ ଜଳଚାଳିତ ଅଧ୍ୟୟନର ସଂଚାଳନ କରାଯାଇନଥିଲା । ଏହା ବ୍ୟତୀତ ମାଟିର ସୁରକ୍ଷା ବହନ କରୁଥିବା ଦକ୍ଷତାର କାର୍ଯ୍ୟକାରୀ ଅଧ୍ୟୟନ ବାବଦରେ ଏକ ଅଂଶ ଭାବରେ ଅନୁସନ୍ଧାନ କରାଯାଇନଥିଲା । ପୁନଶ୍ଚ ଏହା ଦେଖିବାକୁ ମିଳିଲା ଯେ, ଏହି ପ୍ରକଳ୍ପଗୁଡ଼ିକ ପଲ୍ଲୀସଭା ଦ୍ୱାରା ସୁପାରିଶ ହୋଇନଥିଲା, ଯାହାର ଅର୍ଥ ହେଉଛି ସ୍ଥାନୀୟ ଜନସାଧାରଣଙ୍କ ପ୍ରକୃତ ଆବଶ୍ୟକତା ଏବଂ

**ଫଟୋଗ୍ରାଫ୍ ସଂଖ୍ୟା.- 4.4**



**ପଟ୍ଟାଙ୍ଗି ପଞ୍ଚାୟତ ସମିତିର ସୁଙ୍କି ଗ୍ରାମ ପଞ୍ଚାୟତରେ ଭୁଷୁଡ଼ି ପଡ଼ିଥିବା ବକ୍ସ ସେଲ ସେତୁ**

ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ହିସାବକୁ ନିଆଯାଇନଥିଲା । ପରିଣାମ ସ୍ୱରୂପ 49.25 ଲକ୍ଷ ଟଙ୍କାର ବିଫଳ ବ୍ୟୟ ହୋଇଥିଲା ।

ସଂପୃକ୍ତ ଲକ୍ଷ୍ମୀପୁର ବ୍ଲକ୍ ଉନ୍ନୟନ ଅଧିକାରୀ, ତଥ୍ୟ ସୁନିଶ୍ଚିତ କରି ଜଣାଇଥିଲେ (ଜାନୁଆରୀ 2023) ଯେ, ଗ୍ରାମବାସୀମାନଙ୍କର ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଚେକ୍ ଡ୍ୟାମ୍ କ୍ଷେତ୍ର ପ୍ରଣାଳୀ କ୍ରମେ ଅଚଳ ହୋଇପଡ଼ିଥିଲା । ବିଡିଓ, ପଟ୍ଟାଙ୍ଗୀ ଜଣାଇଥିଲେ (ଡିସେମ୍ବର 2022) ଯେ, ଝଡ଼ ବାତ୍ୟା, 'ଗୁଲାବ-21[68]' ଯୋଗୁଁ ସେତୁଟି ଭୁଷୁଡ଼ି ପଡ଼ିଥିଲା ଏବଂ ପୁନଃ ପ୍ରତିଷ୍ଠା ପ୍ରସ୍ତାବ ଉଚ୍ଚ ଅଧିକାରୀଙ୍କ ପାଖରେ ଦାଖଲ କରାଯାଇଅଛି । ଉତ୍ତର ଗ୍ରହଣୀୟ ନଥିଲା

---

64 ଗୌଡ଼ ପଡ଼ା ଗ୍ରାମ ପଞ୍ଚାୟତରେ ଖଜୁରୀପୁଟ ଏବଂ ଗୌଡ଼ାଲାଟି ଠାରେ ପ୍ରତ୍ୟେକ ପ୍ରକଳ୍ପ ପାଇଁ 5.00 ଲକ୍ଷ ଟଙ୍କା ଅଟକଳରେ କ୍ଷେତ୍ର ଚାନେଲ ସହିତ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା ।

65‘ କ୍ଷେତ୍ର ଚାନେଲ୍ ଗୁଡ଼ିକ ଛୋଟ ଚାନେଲ୍ ଚାଷୀମାନଙ୍କ ଦ୍ୱାରା ସେମାନଙ୍କଜମିରେ ଖୋଳାଯାଏ

66 କୁସୁମଗୁଡ଼ା ଗ୍ରାମ ପଞ୍ଚାୟତର କୁଟୁନୀପଦର ଠାରେ 5.00 ଲକ୍ଷ ଟଙ୍କାର ଅଟକଳରେ କ୍ଷେତ୍ର ଚାନେଲ୍ ନିର୍ମାଣ ଏବଂ ପିପିଲାପଡ଼ା ଗ୍ରାମ ପଞ୍ଚାୟତରେ ସଟାଗୁଡ଼ା ଠାରେ 3.00 ଲକ୍ଷ ଟଙ୍କା ଅଟକଳରେ ଆକାନଲାଠାରେ କ୍ଷେତ୍ର ଚାନେଲ ନିର୍ମାଣ

67 'ବକ୍ସ ସେଲ୍' ସେତୁ ଏକ ପ୍ରକାର କଂକ୍ରିଟ୍ ଗଢଣ ଅଟେ ଯାହା ସାଧାରଣଙ୍କ ଜଳ ପ୍ରଣାଳୀରେ ପ୍ରାରମ୍ଭରେ ନିଷ୍କାସନ ପଦ୍ଧତିର ଅଂଶ ଭାବରେ ବ୍ୟବହୃତ ହୋଇଥାଏ ।

68 'ବାତ୍ୟା' ଏକ ଝଡ଼ ଅଥବା ପବନର ପ୍ରଣାଳୀ ଅଟେ ଯାହା ତଳୁଆ ବାୟୁମଣ୍ଡଳୀୟ ଚାପରେ ଘୁରିବୁଲେ । ଗୁଲାବୀ-21 ଝଡ଼ବାତ୍ୟା ଓଡ଼ିଶାରେ 26 ସେପ୍ଟେମ୍ବର 2021 ରେ ମାଡ଼ ହୋଇଥିଲା ।

କାରଣ ଗ୍ରାମବାସୀମାନେ ଚେକ୍ ଡ୍ୟାମ୍ ଏବଂ କ୍ଷେତ୍ର ପ୍ରଣାଳୀର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ଦାୟୀ ନୁହଁନ୍ତି । ପୁନଶ୍ଚ, ବକ୍ସ ସେଲ୍ ସେତୁ ନିର୍ମାଣ ପୂର୍ବରୁ କୌଣସି କାର୍ଯ୍ୟକାରିତା ଅଧ୍ୟୟନ ନିର୍ବାହ କରାଯାଇନଥିଲା ।

### *4.5.10 କାର୍ଯ୍ୟ ସମ୍ପୂର୍ଣ୍ଣର ବିଳମ୍ବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଛେଦ ସଂଖ୍ୟା. 6.2.11 ଅନୁଯାୟୀ ସାଧାରଣତଃ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାଦେଶ ଜାରି ହେବାର ତାରିଖର ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆବଶ୍ୟକ ।

21 ଟି ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ 20 ଟିରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, 362 ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟ ମଧ୍ୟରୁ 219 ଟି କାର୍ଯ୍ୟ 7.90 କୋଟି ଟଙ୍କା ବ୍ୟୟ ହୋଇ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଏହି କାର୍ଯ୍ୟ ଗୁଡ଼ିକର ବିଳମ୍ବର ଅବଧି 30 ରୁ 1,438 ଦିନ ପର୍ଯ୍ୟନ୍ତ ରହିଥିଲା ।

ପର୍ଯ୍ୟାପ୍ତ ପାଣ୍ଠି ରହିଥିବା ସତ୍ତ୍ୱେ କାର୍ଯ୍ୟକର୍ତ୍ତାମାନଙ୍କ[69] ଦ୍ୱାରା ପର୍ଯ୍ୟବେକ୍ଷଣୀୟ ସ୍ତରରେ ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ଏହି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଏହି ବିଷୟରେ ପରବର୍ତ୍ତୀ ଅନୁଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି । 7.90 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ଏହିସବୁ କାରଣ ଯୋଗୁଁ ପ୍ରକଳ୍ପ ଗୁଡ଼ିକ ସମୟାନୁସାରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟରେ ବ୍ୟବହାର ହୋଇ ପାରିନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, ଭବିଷ୍ୟତରେ ସମୟାନୁସାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଯତ୍ନଶୀଳ ହେବେ ।

***ସୁପାରିଶ :***

***12. ପ୍ରବଞ୍ଚନାତ୍ମକ ଭାଉଚର ପ୍ରଦାନ, ଅତ୍ୟଧିକ ସାମଗ୍ରୀ ମୂଲ୍ୟ ପ୍ରଦାନ, ଏବଂ ସମ୍ପୂର୍ଣ୍ଣ ଟଙ୍କା ପ୍ରଦାନ ସତ୍ତ୍ୱେ ନିମ୍ନମାନର କାର୍ଯ୍ୟନିର୍ବାହ ଘଟଣାର ସବିଶେଷ ଅନୁସନ୍ଧାନ କରିବା ଦରକାର । ଏହି ଅନିୟମିତତା ପାଇଁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।***

***13. ଫଳପ୍ରଦ ହେଉ ନଥିବା ବ୍ୟୟକୁ ପରିହାର୍ଯ୍ୟ କରିବା ପାଇଁ ପୂର୍ବର କ୍ଷେତ୍ର ଅଧ୍ୟୟନକୁ ବ୍ୟବହାର କରି ନିଆଯାଇଥିବା କାର୍ଯ୍ୟଗୁଡ଼ିକର ସଫଳତାକୁ ସୁନିଶ୍ଚିତ କରିବା ଉଚିତ୍ ।***

## 4.6 ତଦାରଖ ଏବଂ ପର୍ଯ୍ୟବେକ୍ଷଣ

### *4.6.1 ସାମାଜିକ ସମୀକ୍ଷା ସଞ୍ଚାଳନ ନହେବା*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 11 ଅନୁଯାୟୀ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ନିର୍ବାହ ହେଉଥିବା କାର୍ଯ୍ୟର ସାମାଜିକ ସମୀକ୍ଷା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ପଲ୍ଲୀ ସଭାରୁ ଆରମ୍ଭ କରିବା ଦରକାର । ପଲ୍ଲୀ ସଭାର ରିପୋର୍ଟକୁ ଏକତ୍ରୀକୃତ କରି ଗ୍ରାମ ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ବିଚାର ପୀଠରେ ପାରିତ କରିବା ଏବଂ ପ୍ରତିବର୍ଷ ରାଜ୍ୟ ନିକଟରେ ପ୍ରଦାନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ଗ୍ରାମ ପଞ୍ଚାୟତ ସ୍ତରରେ ଆର୍ଥିକ ବର୍ଷ 2017-22 ମଧ୍ୟରେ କୌଣସି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତିରେ ସାମାଜିକ ସମୀକ୍ଷା ସଂଚାଳନ ହୋଇ ନଥିଲା ଯାହା ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ନିର୍ବାହ ହୋଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା, ଦାୟୀତ୍ୱ ବୋଧତା ଏବଂ ଦକ୍ଷତାକୁ ସୁନିଶ୍ଚିତ କରିପାରି ନଥିଲା । ପୁନଶ୍ଚ ସାମାଜିକ ସମୀକ୍ଷା ସଞ୍ଚାଳନ ନ ହେବାର କାରଣ ନଥିପତ୍ରରେ ଦେଖିବାକୁ ମିଳିନଥିଲା । ସାମାଜିକ ସମୀକ୍ଷା ସଞ୍ଚାଳନ ନହେବା ପର୍ଯ୍ୟବେକ୍ଷଣ ସ୍ତରରେ ଦୁର୍ବଳ ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣକୁ ସୂଚିତ କରୁଥିଲା । ସେପ୍ଟେମ୍ବର 2024 ସୁଦ୍ଧା ବିଭାଗ ପକ୍ଷରୁ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା ।

### *4.6.2 ପ୍ରକଳ୍ପ ଗୁଡ଼ିକର ଭୌତିକ ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣରେ ପର୍ଯ୍ୟାପ୍ତତାରେ ଅଭାବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 9.2 ରେ ନିର୍ଦ୍ଧାରଣ କରାଯାଇଅଛି ଯେ ଜିଲ୍ଲାପାଳ ନିରୀକ୍ଷଣର ଅନୁସୂଚୀ ପ୍ରସ୍ତୁତ କରିବା ଦରକାର, ଯେଉଁଥିରେ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କର ପର୍ଯ୍ୟବେକ୍ଷଣ ସ୍ତରରେ ନ୍ୟୁନତମ ସଂଖ୍ୟକ କ୍ଷେତ୍ର ପରିଦର୍ଶନର ଉଲ୍ଲେଖ ରହିବ ଏବଂ ସେହି ନିରୀକ୍ଷଣର ଅନୁସୂଚୀ ନିୟମାନୁସାରେ ଅନୁସରଣ କରାଯିବାକୁ

[69] ବିଡିଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ

ସୁନିଶ୍ଚିତ କରିବା ଦରକାର । ପୁନଶ୍ଚ ମାର୍ଗଦର୍ଶିକାର **ଅନୁଚ୍ଛେଦ** 6.2.13 ଏବଂ 6.3.5 ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ଜିଲ୍ଲାପାଳ ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟବେକ୍ଷଣ ଏବଂ ଭୌତିକ ଯାଞ୍ଚ କ୍ରମାନୁସାରେ 25 ପ୍ରତିଶତ, ପାଞ୍ଚ ପ୍ରତିଶତ ଏବଂ ଏକ ପ୍ରତିଶତ କରିବା ଦରକାର ।

ଅଡିଟ୍‌ରେ ଦେଖାଗଲା ଯେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଗୁଡ଼ିକ ପାଇଁ ଡିପିସି ଦ୍ୱାରା ଆର୍ଥିକ ବର୍ଷ 2017-19 ମଧ୍ୟରେ 3,357 ଟି ପ୍ରକଳ୍ପର ମଞ୍ଜୁରୀ ପ୍ରଦାନ କରାଯାଇଥିଲା । କିନ୍ତୁ, ପରୀକ୍ଷିତ ଜିଲ୍ଲା ଏବଂ ପଞ୍ଚାୟତ ସମିତି ଗୁଡ଼ିକରେ, ସଂପୃକ୍ତ ଜିଲ୍ଲାପାଳମାନେ, ପ୍ରତ୍ୟେକ ସ୍ତରର ପର୍ଯ୍ୟବେକ୍ଷକମାନଙ୍କ ପାଇଁ କୌଣସି ପର୍ଯ୍ୟବେକ୍ଷଣ ସୂଚୀ ସ୍ଥିର କରିନଥିଲେ । ଯଦିଓ ବ୍ଲକ୍ ଉନ୍ନୟନ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ଜିଲ୍ଲାପାଳ ମାନେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଗୁଡ଼ିକରେ କ୍ରମାନ୍ୱୟରେ 839, 168 ଏବଂ 34 ଟି ପ୍ରକଳ୍ପ ଗୁଡ଼ିକର ନିରୀକ୍ଷଣ କରିବା ଦରକାର, ସେହି ପରିଦର୍ଶନ ଗୁଡ଼ିକର କୌଣସି ପ୍ରମାଣ ନଥିପତ୍ରରେ ଦେଖିବାକୁ ମିଳି ନଥିଲା । ପ୍ରକଳ୍ପ ସ୍ଥାନ ପରିଦର୍ଶନ ଓ ପରିଦର୍ଶନର ପରିମାଣକୁ ଲିପିବଦ୍ଧ କରିବା ପାଇଁ କୌଣସି ରେଜିଷ୍ଟର ନଥିଲା । ଅଧିକନ୍ତୁ, ନିରୀକ୍ଷଣ କରାଯାଇଥିବା ବାବଦରେ କୌଣସି ନିରୀକ୍ଷଣ ରିପୋର୍ଟ ପ୍ରସ୍ତୁତ ହୋଇନଥିଲା । ଏହି ସୂଚନା ବିନା ଭୌତିକ ଯାଞ୍ଚର ପରିମାଣକୁ ସୁନିଶ୍ଚିତ କରାଯାଇ ପାରିନଥିଲା ।

ତେଣୁ, 362ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟ ମଧ୍ୟରୁ 219ଟି କାର୍ଯ୍ୟ ପର୍ଯ୍ୟବେକ୍ଷଣୀୟ ଅଧିକାରୀଙ୍କ ଦ୍ୱାରା ସଠିକ ଭାବରେ ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ ନହେବା ଯୋଗୁଁ, 7.90 କୋଟି ଟଙ୍କା ବିନିଯୋଗ ହୋଇଥିବା ସତ୍ତ୍ୱେ, ସମୟ ମଧ୍ୟରେ କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରିନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟ ଗୁଡ଼ିକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ଗସ୍ତ ରେଜିଷ୍ଟରରେ, ନିରୀକ୍ଷଣ କାର୍ଯ୍ୟ ଛକରାଯାଇଥିବା କାର୍ଯ୍ୟର ସଂଖ୍ୟା ଉଲ୍ଲିଖିତ କରିବେ ।

***ସୁପାରିଶ:***

***14. ବିନା କାର୍ଯ୍ୟ ନିଷ୍ପାଦନରେ ଏବଂ ଜାଲ ଦସ୍ତାବିଜ ଦାଖଲ କରି ଟଙ୍କା ପ୍ରଦାନକୁ ରୋକିବା ପାଇଁ ପର୍ଯ୍ୟାପ୍ତ ତଦାରଖ ଓ ପର୍ଯ୍ୟବେକ୍ଷଣ ସୁନିଶ୍ଚିତ କରିବା ଉଚିତ୍ ।***

ଭୁବନେଶ୍ୱର | **(ରାଜ କୁମାର)**
ତାରିଖ | **ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-I)**
**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ | **(ଗିରୀଶ ଚନ୍ଦ୍ର ମୁର୍ମୁ)**
ତାରିଖ | **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**